## ଆଜି କ'ଣ କେଉଁଠି

**ଛେଣ୍ଡିପଦା**

- ମା' ଭୈରବୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା
  ସମୟ: ପୂର୍ବାହ୍ନ ୮ଟା
  ସ୍ଥାନ: କୁକୁରପେଟା।
- ମା'ଭୈରବୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ଉପଲକ୍ଷେ ଅପେରା ପରିବେଷଣ କାର୍ଯ୍ୟକ୍ରମ
  ସ୍ଥାନ: କୁକୁରପେଟା ସ୍କୁଲ ଛକ ଯାତ୍ରା ପଡ଼ିଆ
  ସମୟ: ରାତି ୧୦ଟା।

# ୧୦୦ ଶଯ୍ୟା ବିଶିଷ୍ଟ ପୁରୁଷ ବାରାକ୍ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ, ୨୮।୧୧**

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନ ପରିସରରେ ବୁଧବାର ୧୦୦ ଶଯ୍ୟା ବିଶିଷ୍ଟ ପୁରୁଷ ବାରାକ୍ ଉଦ୍‌ଘାଟିତ ହୋଇଯାଇଛି। ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣ, ଏସ୍‌ପି ସନ୍ତୋଷ କୁମାର ନାୟକ ଉପସ୍ଥିତ ଥିଲେ।

ରାଜ୍ୟ ପୋଲିସ ହାଉସିଂ ଏବଂ ୱେଲଫେୟାର କର୍ପୋରେଶନ ପକ୍ଷରୁ ୧କୋଟି ୩୫ଲକ୍ଷ ୮୪ ହଜାର ୭୩୭ ଟଙ୍କା ବ୍ୟୟରେ ଉକ୍ତ ବାରାକ୍ ନିର୍ମାଣ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ରୂପରେଖ ଦେବାକୁ ଲାଗିଛି ୮ମାସ।

- ଫିଟନେସ୍‌କୁ ଅଗ୍ରାଧିକାର, କାର୍ଯ୍ୟକ୍ଷମ ହେଲା ଅତ୍ୟାଧୁନି ଜିମ୍ନାସିୟମ୍
- ଭଲିବଲ, କବାଡ଼ି ପଡ଼ିଆରେ ଲାଗିଲା ଫ୍ଲଡଲାଇଟ୍

ଏଥିସହ ଅତ୍ୟାଧୁନିକ ଜିମ୍ନାସିୟମ ସୁବିଧା ସହିତ ଭଲିବଲ ଏବଂ କବାଡ଼ି ପଡ଼ିଆରେ ଫ୍ଲଡଲାଇଟ୍ ଲଗାଯାଇଛି। ଏସବୁ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

ପୋଲିସ କର୍ମଚାରୀଙ୍କ ଫିଟ୍‌ସେନକୁ ଗୁରୁତ୍ୱ ଦେବାଭଳି ସମସ୍ତ ବ୍ୟବସ୍ଥା ବାରାକ୍‌ରେ ଉପଲବ୍ଧ ରହିଛି। ଅତ୍ୟାଧୁନିକ ଜିମ୍ନାସିୟମର ଲାଭ ଉଠାଇବା ସହିତ କ୍ରୀଡ଼ାକୁ ପ୍ରାଥମିକତା ଦେବାକୁ ଡିଆଇଜି ପରାମର୍ଶ ଦେଇଛନ୍ତି। ଉଦ୍‌ଘାଟନୀ ସମାରୋହରେ ନିର୍ମାଣ କାର୍ଯ୍ୟ ନେଇଥିବା ଠିକାଦାର ଦିଲୀପ କୁମାର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।




ଉଦ୍‌ଘାଟନୀ ସମାରୋହରେ ଡିଆଇଜି ନରସିଂହ ଭୋଳ, ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣ, ଏସ୍‌ପି ସନ୍ତୋଷ କୁମାର ନାୟକଙ୍କ ସମେତ ଅନ୍ୟମାନେ।

■ଶଙ୍କର ପ୍ରଧାନ ହତ୍ୟା ମାମଲା

# ଅଭିଯୁକ୍ତ ଦାଦାଙ୍କୁ ୮ ବର୍ଷ ଜେଲ

**ଢେଙ୍କାନାଳ ଅଫିସ, ୨୮।୧୧**

ଢେଙ୍କାନାଳ ଜିଲା ଗଁଦିଆ ଥାନା ଚାଉଳିଆ ମହ୍ଲାର ସାହିରେ ୨୦୧୫ରେ ସଂଘଠିତ ଶଙ୍କର ପ୍ରଧାନ ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଜିଲା ଦୌରାଜଜ୍ ତାରା ପ୍ରସାଦ ରଥ ମୃତକଙ୍କ ଦାଦା ଅଭିଯୁକ୍ତ ଫକୀର ପ୍ରଧାନଙ୍କୁ ଦୋଷୀ ସାବ୍ୟସ୍ତ କରିବାସହ ୮ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଏବଂ ଅନାଦାୟେ ଅଧିକ ୨ମାସ ଜେଲଦଣ୍ଡ ଭୋଗିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଘଟଣା ଦିନ ଅର୍ଥାତ୍ ୨୦୧୫ ଅଗଷ୍ଟ ୧୩ରେ ଶଙ୍କର ଏବଂ ତାଙ୍କ ବାପା ନୀଳମଣି ପ୍ରଧାନ ଜମିରେ କାମ କରୁଥିଲେ। ଏହି ସମୟରେ ପୂର୍ବ ଶତ୍ରୁତା କାରଣରୁ ଫକୀର ସେଠାକୁ ଯାଇ ଭାଇ ନୀଳମଣିଙ୍କ ସହ ଗଣ୍ଡଗୋଳ କରିଥିଲେ। ପୁତୁରା ଶଙ୍କର ଏହାର ପ୍ରତିବାଦ କରିବାରୁ ସେ କ୍ରୋଧାନ୍ୱିତ ହୋଇ ସେଠାରୁ ପଳାଇ ଆସିଥିଲେ। ଅପରାହ୍ନ ୫ଟା ଶଙ୍କରଙ୍କୁ ଏକାକୀ ଦେଖି ଫକୀର ଅତର୍କିତ ଭାବେ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଗୁରୁତର ଶଙ୍କରଙ୍କୁ ପ୍ରଥମେ ଜିଲା ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ନୀଳମଣିଙ୍କ ଅଭିଯୋଗ ଅନୁଯାୟୀ ନଂ. ୧୦୭/୧୫, ଦଫା ୩୦୨ରେ ମାମଲା ରୁଜୁ କରାଯାଇଥିଲା। ୧୪ ତାରିଖରେ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ କୋର୍ଟ ଚାଲାଣ କରିଥିଲା। ମାମଲାର ସିଟି ସେସନ୍ସ କେସ୍ ନଂ. ୧୨/୧୬ ଏବଂ ୧୧ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜିଲା ଦୌରାଜଜ୍ ଏହି ରାୟ ଶୁଣାଇଛନ୍ତି। ପବ୍ଲିକ୍ ପ୍ରସିକ୍ୟୁଟର ଗଣେଶ କୁମାର ବେହେରା ମାମଲା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମହିଳା ହିଂସା ରୋକିବା ସାମାଜିକ ଦାୟିତ୍ୱ



**ଢେଙ୍କାନାଳ ଅଫିସ, ୨୮।୧୧**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ମହାବିଦ୍ୟାଳୟରେ ବୁଧବାର ମହିଳା ହିଂସାମୁକ୍ତି ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଇଶୋ' ଏବଂ 'ଅକ୍ସଫାମ୍ ଇଣ୍ଡିଆ' ସହାୟତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା କହିଲେ, ମହିଳା ହିଂସା ରୋକିବା ସାମାଜିକ ଦାୟିତ୍ୱ। ଏହାକୁ ସମସ୍ତେ ହୃଦ୍‌ବୋଧ କରିବା ଜରୁରୀ। ଅନ୍ୟତମ ଅତିଥି ଭାବେ ଶିଶୁ ମଙ୍ଗଳ କମିଟି ସଭ୍ୟ ନିରଞ୍ଜନ ମିଶ୍ର, ଭାନୁମତୀ ପାଣି ଯୋଗଦେଇ ବାଲ୍ୟବିବାହର କାରଣ, ମହିଳା ହିଂସା ପ୍ରତିରୋଧ ଦିଗରେ ସାମାଜିକ ଏବଂ ବ୍ୟକ୍ତିଗତ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ଉପାଧ୍ୟକ୍ଷ ସମରେନ୍ଦ୍ର ସିଂ, ଅଧାପିକା ଦୀପ୍ତିବାଳା ମିଶ୍ର, ଅଧାପକ ନିହାର ରଞ୍ଜନ ମଲ୍ଲିକ, ଜିଲା ସଂଯୋଜକ ସର୍ବେଶ୍ୱର ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଛାତ୍ରୀଛାତ୍ରଙ୍କୁ ବନ୍ୟଜନ୍ତୁ ସୁରକ୍ଷା ଚିନ୍ତା

# ଶୋଭାଯାତ୍ରାରେ ବାଣ୍ଟିଲେ ସଚେତନତା

**ଢେଙ୍କାନାଳ ଅଫିସ, ୨୮।୧୧**

ହାତରେ ପ୍ଲାକାର୍ଡ, ବ୍ୟାନର। ସ୍ଲୋଗାନରେ ବନ୍ୟଜନ୍ତୁ ସଂରକ୍ଷଣ ବାର୍ତ୍ତା। ଶୋଭାଯାତ୍ରା ମାଧ୍ୟମରେ ଏପରି ସଚେତନତା ସୃଷ୍ଟି କରିଛନ୍ତି ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର କେ.ପି. ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର। ସୁସ୍ଥ ଓ ସୁନ୍ଦର ପରିବେଶ ଲାଗି ପିଲାମାନଙ୍କ ଏଭଳି ଉଦ୍ୟମକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିଥିବାବେଳେ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅଭିଭାବକମାନେ ଜଣାଇଛନ୍ତି ସାଧୁବାଦ।

ବିଦ୍ୟାଳୟ ପରିସରରୁ ବାହାରିଥିବା ପରିବେଶ ସୁରକ୍ଷା ସମ୍ପର୍କିତ ଏହି ଶୋଭାଯାତ୍ରା ବସ୍‌ଷ୍ଟାଣ୍ଡ ଯାଏ ପରିକ୍ରମା କରିଥିଲା। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ ଅରୁଣ ରାଉତ ଯୋଗଦେଇ ବନ୍ୟଜନ୍ତୁ ସୁରକ୍ଷା ପ୍ରତି ଛାତ୍ରୀଛାତ୍ର ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାଧାରଣଜ୍ଞାନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଅନୁପମ ବେହେରା ପ୍ରଥମ, ସୁରଜ ବିଶ୍ୱାଳ ଦ୍ୱିତୀୟ ଏବଂ ଆଶିଷ ରାଉତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ଭ୍ରମରବର ପ୍ରଧାନ, ସଦାନନ୍ଦ ଭୋଳ, ଶିକ୍ଷୟିତ୍ରୀ ବିଦ୍ୟୁତ୍‌ପ୍ରଭା ନନ୍ଦ, ବିଦ୍ୟୁତ୍‌ପ୍ରଭା ଶତପଥୀ, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ସହଯୋଗ କରିଥିଲେ।




ଶୋଭାଯାତ୍ରାରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକ।

■ଶିଶୁ ମନ୍ଦିରରେ ବାର୍ଷିକ ଖେଳକୁଦ ସମାରୋହ

# ଭାଗନେଲେ ୪୨୬ ଶିଶୁ



ବାର୍ଷିକ ଖେଳକୁଦ ସମାରୋହର କୃତୀ ପ୍ରତିଯୋଗୀମାନେ।

**ଓଡ଼ାପଡ଼ା, ୨୮।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ସିମିନଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦୁଇଦିନିଆ ବାର୍ଷିକ ଖେଳକୁଦ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଦାଣ୍ଡିମାଳ ହାଇସ୍କୁଲ ଖେଳପଡ଼ିଆରେ ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବାଲ୍‌ବର୍ଗରେ ୧୬୩ ଏବଂ ଶିଶୁବର୍ଗରେ ୨୬୩ ଜଣ ଶିଶୁ ଲମ୍ବଡିଆଁ, ଉଚ୍ଚ ଡିଆଁ, ଦୌଡ଼, ସଟ୍‌ପୁଟ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।

ସମିତିସଭ୍ୟ ପ୍ରମୋଦ ନାୟକ, ସମିତିସଭ୍ୟା ବିନୋଦିନୀ ନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଲିନା ସେଠୀ, ସମ୍ମାନିତ ଅତିଥି ପ୍ରଧାନ ଶିକ୍ଷକ ଅମର ମଲ୍ଲିକ, ସଭାପତି ମୋହନମୁରାରୀ ମିଶ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବାର୍ଷିକ ଉତ୍ସବରେ ସମ୍ମାନିତ କରାଯିବ।

ସମ୍ପାଦକ ପ୍ରକାଶ ମହାରଣା, ସହସମ୍ପାଦକ ବସନ୍ତ ସେଠୀ, କୋଷାଧ୍ୟକ୍ଷ ଗୌରାଙ୍ଗ ଚରଣ ରାଉତ, ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତା, କ୍ରୀଡ଼ାବିତ୍ ପୁରୁଷୋତ୍ତମ ରାଉତ, କ୍ରୀଡ଼ା ଶିକ୍ଷକ ସନ୍ତୋଷ ପରିଡ଼ାଙ୍କ ସମେତ ସମସ୍ତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଝାରଗାଡ଼ିଆ ନିକଟରେ ୪୮ ହାତୀ

**ଓଡ଼ାପଡ଼ା, ୨୮।୧୧(ଡି.ଏନ.ଏ.)**

ଢେଙ୍କାନାଳ ସଦର ରେଞ୍ଜ ଗଦାଶିଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଝାରଗାଡ଼ିଆ ନିକଟରେ ୪୮ ହାତୀଙ୍କ ଉପସ୍ଥିତି ଯୋଗୁ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ମଙ୍ଗଳବାର ଉକ୍ତ ହାତୀପଲ ବ୍ରାହ୍ମଣୀ ନଦୀ ପାର ହୋଇ ଭୋଜଦେଇପୁର, ସଦାଶିବପୁର ଦେଇ ଝାରଗାଡ଼ିଆ ନିକଟ ୫୫ନଂ. ଜାତୀୟ ରାଜପଥ ପାର ହୋଇ ମଠରଗଡ଼ି ସଂରକ୍ଷିତ ଜଙ୍ଗଲରେ ରହିଥିଲେ। ବୁଧବାର ସନ୍ଧ୍ୟାରେ ହାତୀପଲ ଜଙ୍ଗଲରୁ ବାହାରି ୫୫ନଂ. ରାସ୍ତା ପାର ହୋଇ ସାଇଁବିରି, ସିମିନଇ ଗ୍ରାମ ମଧ୍ୟରେ ଥିବା ବେଙ୍ଗପାହାଡ଼ ନିକଟରେ ଅଛନ୍ତି। ହାତୀପଲ ଜମିରେ ପଶି ଧାନ ଖାଇଯିବା ସହିତ ଦଳିଚକଟି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଫସଲ ଚିନ୍ତାରେ ଚାଷୀମାନେ ନିଆଁ ଜାଳି ଖେତ ଜଗିଛନ୍ତି। ଗଦାଶିଳା ଫରେଷ୍ଟ ସେକ୍ସନ କର୍ମଚାରୀ ଏବଂ ସ୍କ୍ୱାଡ୍ କର୍ମଚାରୀ ହାତୀଙ୍କୁ ଘଉଡ଼ାଇବାକୁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସ୍ଥାନୀୟ ଧରିତ୍ରୀ ପ୍ରତିନିଧି କିମ୍ବା ମୁଖ୍ୟକାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

DADLS-200









# ସଫଳ ଚାଷୀ ପ୍ରେମ କୁମାର

# ୧୦ହଜାର ଟଙ୍କାରୁ ଲକ୍ଷପତି



ନିଜ କୃଷି ଫାର୍ମରେ ପ୍ରେମ କୁମାର ନାଏକ।

**ନୂଆପଡ଼ା ଅଫିସ,୨୮।୧୧**

ସରକାର ଚାଷ ଏବଂ ଚାଷୀଙ୍କ ଉନ୍ନତି ପାଇଁ ବହୁ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଚାଷୀମାନେ ସେଥିରୁ ସର୍ବାଧିକ ଲାଭ ଉଠାଇବାକୁ ସେମାନଙ୍କୁ ସଚେତନ କରାଯାଉଛି। ଋଣ ପ୍ରଦାନ, କୃଷି ଉପକରଣ କିଣିଲେ ସବ୍‌ସିଡି ପ୍ରଦାନ କରାଯାଇଛି। ହେଲେ ଏମିତି କେତେଜଣ ଚାଷୀ ଅଛନ୍ତି ଯେଉଁମାନେ ନିଜ ଉଦ୍ୟମରେ ଆଜି ସଫଳତା ପାଇଛନ୍ତି । କେବଳ ନିଜ ପାଇଁ ନୁହେଁ ଅନ୍ୟମାନଙ୍କୁ ରୋଜଗାରକ୍ଷମ କରିବାକୁ ସେମାନେ ଅଣ୍ଟା ଭିଡିଛନ୍ତି । ସେମିତି ଜଣେ ଚାଷୀ ହେଲେ ନୂଆପଡ଼ା ଜିଲା ସଦର ବ୍ଲକ ବଲୋଦା ଗାଁର ପ୍ରେମ କୁମାର ନାଏକ । ଚାଷ ପାଇଁ ସେ ନିଜକୁ ସମର୍ପଣ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ନିଜ ଉଦ୍ୟମରେ ସେ ବିଭିନ୍ନ ଚାଷ କରି ବାର୍ଷିକ ଲକ୍ଷାଧିକ ଟଙ୍କା ଉପାର୍ଜନ କରି ମାସିକ ଶତାଧିକ ଶ୍ରମ ଦିବସ ସୃଷ୍ଟି କରିପାରିଛନ୍ତି ।

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ କାମଧନ୍ଦା ଅଭାବରୁ ଲୋକେ ବର୍ଷର ଅଧିକାଂଶ ସମୟ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି। ଆର୍ଥିକ ଅନଟନ ମଧ୍ୟରେ ଏହି ଜିଲାର ଚାଷୀମାନେ ବାରମ୍ବାର ହଇରାଣ ହୋଇଥାନ୍ତି । ହେଲେ ପ୍ରେମ କୁମାର ଏହି ଧାରାରୁ ନିଜକୁ ଦୂରେଇ ରଖି ନିଜ ୧୦ ଏକର ଜମିରେ କରିଛନ୍ତି କୃଷି ଫାର୍ମ । ନିଜ ପରିଶ୍ରମରେ ୩ଟି ପୋଖରୀ ଖୋଳିଛନ୍ତି। ସେଠାରେ ମାଛ ଚାଷ ସହିତ ବତକ ଚାଷ କରିଛନ୍ତି । ପୋଖରୀ ହୁଡାରେ ଛେଳି ଚାଷ କରୁଛନ୍ତି । ଏହି ଫାର୍ମ ପାଇଁ ପ୍ରତ୍ୟହ ୧୫ରୁ ୨୦ ଲୋକ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଉକ୍ତ ବ୍ୟବସାୟରୁ ପ୍ରେମ କୁମାର ବାର୍ଷିକ ୧୫ରୁ୨୦ ଲକ୍ଷ ଟଙ୍କା ରୋଜଗାର କରୁଥିବା କହିଛନ୍ତି। ଦିନେ ମାତ୍ର ୧୦ରୁ୨୦ହଜାର ଟଙ୍କାରେ ଆରମ୍ଭ ହୋଇଥିବା ଏହି କୃଷି ଫାର୍ମ ବର୍ତ୍ତମାନ ଫଳ, ପନିପରିବା, ବିଭିନ୍ନ ଗଛରେ ପରିପୂର୍ଣ୍ଣ । ସେଠାରେ ଏବେ ପ୍ରେମକୁମାର ଗାଈ ଚାଷ କରୁଛନ୍ତି । ଏଥିପାଇଁ ପ୍ରେମ କୁମାର ନିଜ ଖର୍ଚ୍ଚରେ ରାଜ୍ୟ ବାହାରକୁ ଯାଇ ତାଲିମ ଗ୍ରହଣ କରିଛନ୍ତି । ନିଜେ ଚାଷ କରିବା ସହ ଆଖପାଖ ଅଞ୍ଚଳରେ ବୁଲି ଚାଷୀମାନଙ୍କୁ ତାଲିମ ଦେଉଛନ୍ତି । ଯୁବ ଚାଷୀମାନେ ବଲୋଦା ଆସି ତାଙ୍କ ଚାଷ ପ୍ରକଳ୍ପ ବୁଲି ଦେଖିବାକୁ ସେ ଆହ୍ୱାନ କରିଛନ୍ତି।

ପ୍ରେମ କୁମାରଙ୍କ କହିବା କଥା ଚାଷୀମାନେ ନିଜ ପ୍ରଗତି ପାଇଁ ଧ୍ୟାନ ଦେବା ଆବଶ୍ୟକ । ଏଥିପାଇଁ ସରକାର ମଧ୍ୟ ସହାୟତା ଯୋଗାଇ ଦେବାକୁ ସେ ପରାମର୍ଶ ଦେଇଛନ୍ତି । ଏପରି କି ସେ ସରକାରୀ ସହାୟତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ତାଙ୍କ କହିବା କଥା ମୁଁ ବି ମୋର ବ୍ୟବସାୟକୁ ବଢ଼ାଇବାକୁ ସରକାରୀ ସହାୟତା ଚାହୁଁଛି । ହେଲେ ବାରମ୍ବାର ବିଭାଗୀୟ କାର୍ଯ୍ୟାଳୟକୁ ଦୌଡି ଦୌଡି ନିରାଶ ହୋଇଛି । ଏଥିପାଇଁ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବା ଆବଶ୍ୟକ।

**ରିପୋର୍ଟ-ଘନଶ୍ୟାମ ଭୋଇ**

# ଭିଜିଲାନ୍ସ ଏକାଡେମୀ ଉଦ୍‌ଘାଟିତ

- ଦେଶରେ ପ୍ରଥମ
- ଅଧିକାରୀଙ୍କ ଦକ୍ଷତା ବୃଦ୍ଧି କରିବ

**ଭୁବନେଶ୍ୱର, ୨୮।୧୧(ବ୍ୟୁରୋ)**

ରାଜଧାନୀରେ ଖୋଲିଛି ଦେଶର ପ୍ରଥମ ଭିଜିଲାନ୍ସ ଏକାଡେମୀ। ସତ୍ୟନଗରସ୍ଥିତ ଭିଜିଲାନ୍ସ ଡିଭିଜନ କାର୍ଯ୍ୟାଳୟ ପରିସରରେ ଏକାଡେମୀର ନବନିର୍ମିତ କୋଠାକୁ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ବୁଧବାର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପାଢୀ କହିଛନ୍ତି, ଏହା ଦେଶର ପ୍ରଥମ ଦୁର୍ନୀତି ନିବାରଣ ପ୍ରଶିକ୍ଷଣ ଏକାଡେମୀ। ତାଲିମ ଓ ପ୍ରଶିକ୍ଷଣ ସରକାରୀ କର୍ମଚାରୀଙ୍କ ବୃତ୍ତିଗତ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହି ପ୍ରତିଷ୍ଠାନ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି କରିବ। ଏଥିସହ ବିଭିନ୍ନ ସରକାରୀ ବିଭାଗରେ ସ୍ୱୀକୃତ ମୁଖ୍ୟ ଭିଜିଲାନ୍ସ ଅଫିସରମାନଙ୍କୁ ଏହି ଏକାଡେମୀରେ ତାଲିମ ଦେବା ପାଇଁ ପାଢ଼ୀ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ କହିଥିଲେ। ଏଥିସହ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରସ୍ତୁତ 'କଫି ଟେବୁଲ ବୁକ'କୁ ପାଢୀ ଉନ୍ମୋଚନ କରିଥିଲେ।

ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଉପଯୁକ୍ତ ତାଲିମ ସରକାରୀ କର୍ମଚାରୀଙ୍କ ଦକ୍ଷତା ବଢ଼ାଇବା ସହ ସେମାନଙ୍କ କାର୍ଯ୍ୟ କରିବାର ଆଗ୍ରହକୁ ବୃଦ୍ଧି କରିଥାଏ। ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଥିଲେ, ଚଳିତ ବର୍ଷ ୫୧% ମାମଲାରେ ଅଭିଯୁକ୍ତଙ୍କୁ ଦଣ୍ଡବିଧାନ କରିବାରେ ଭିଜିଲାନ୍ସ ସମର୍ଥ ହୋଇଛି। ଏହି ଏକାଡେମୀ ରାଜ୍ୟରେ ଦୁର୍ନୀତି ଅନୁସନ୍ଧାନ ଏବଂ ଦଣ୍ଡବିଧାନ କାର୍ଯ୍ୟକୁ ଅଧିକ ତ୍ୱରିତ ଓ ଶାଣିତ କରିବ। ଭିଜିଲାନ୍ସ ନିର୍ଦ୍ଦେଶକ ଡ. ଦେବାଶିଷ ପାଣିଗ୍ରାହୀ କହିଥିଲେ, ଏକାଡେମୀରେ ତାଲିମ ନେବା ପରେ ଅଫିସରମାନେ ସାଇବର ଫରେନସିକ, ସେଲଫୋନ ଫରେନସିକ, ଅର୍ଥନୈତିକ ବଜାର କାରବାର, ଅଣବ୍ୟାଙ୍କିଙ୍ଗ ଦ୍ୱାରା ଅର୍ଥନୈତିକ କାରବାର, ଅପରାଧରେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର, ସୋସିଆଲ ମିଡିଆରେ ଅପରାଧକୁ ରୋକିବା କ୍ଷେତ୍ରରେ ଅଧିକ ସହାୟକ ହେବ। ତା' ଛଡା କମ୍ପାନୀ ଆଇନ, ବିଦେଶୀ ଅର୍ଥ କାରବାର ଆଇନ, ମନି ସର୍କୁଲେଶନ ଆଇନ, ବିଭିନ୍ନ ମକଦ୍ଦମାରେ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଓ ନିର୍ଦ୍ଦେଶ ଆଦି ବିଷୟରେ ତାଲିମ ଦିଆଯିବ। ଏକାଡେମୀରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଉଥିବା ଆଇନ ସ୍ନାତକମାନଙ୍କ ପାଇଁ ଇଣ୍ଟର୍ନଶିପ୍ ବ୍ୟବସ୍ଥା କରାଯାଇଛି। ଏକାଡେମୀରେ ଲାଇବ୍ରେରି, ଶ୍ରେଣୀକକ୍ଷ, ପ୍ରେକ୍ଷାଳୟ ରହିଛି। ଖୁବଶୀଘ୍ର ଏଥିରେ କମ୍ପ୍ୟୁଟର, ପରୀକ୍ଷାଗାର ଓ ସିମୁଲେଶନ ସେଲ୍ ଖୋଲାଯିବ ବୋଲି ନିର୍ଦ୍ଦେଶକ କହିଥିଲେ। ଭିଜିଲାନ୍ସ ଏସ୍‌ପି ସୁଧା ସିଂ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଡିଆଇଜି ଭିଜିଲାନ୍ସ ସଞ୍ଜୟ କୌଶଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବକଙ୍କୁ ପିଟି ମାରିଦେଲେ

## ସ୍ତ୍ରୀ, ଶାଳକ ହତ୍ୟାକାରୀ

**କଣ୍ଟାବାଞ୍ଜି,୨୮।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅନ୍ତର୍ଗତ କର୍ଲାବାହାଲି ଗାଁର ଜଣେ ଯୁବକଙ୍କୁ ତାଙ୍କ ସ୍ତ୍ରୀ ଓ ଶାଳକ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଦୁର୍ଲଭ ଛୁରା(୩୫)। ଏ ନେଇ ମୃତକଙ୍କ ମା' ବିଜୁଳି ଛୁରା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ଦୁର୍ଲଭଙ୍କୁ ତାଙ୍କ ସ୍ତ୍ରୀ ଗୌରୀ ଓ ଶାଳକ ଦିନ ହିଆଲ ଗତ ୨୪ ତାରିଖ ଦିନ କୌଣସି କାରଣକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ। ଠେଙ୍ଗାରେ ନିସ୍ତୁକ ପିଟିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅର୍ଥ ଅଭାବରୁ ଦୁର୍ଲଭଙ୍କ ମା' ନିଜ ରାଶନ୍ କାର୍ଡକୁ ୧ହଜାର ଟଙ୍କାରେ ଜଣେ ବ୍ୟକ୍ତିଙ୍କ ପାଖରେ ବନ୍ଧକ ରଖି ଚିକିତ୍ସା କରୁଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଦୁର୍ଲଭଙ୍କ ମୃତ୍ୟୁ ଘଟିଥିଲା। ପୁଅର ମୃତ୍ୟୁ ପରେ ବିଜୁଳି କଣ୍ଟାବାଞ୍ଜି ଥାନାରେ ଗୌରୀ ଓ ଦିନ ମାଡ ମାରି ଦୁର୍ଲଭଙ୍କୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ କର୍ଲାବାହାଲି ଗାଁକୁ ନିଆଯାଇଥିବା ମୃତଦେହକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପୁଣି କଣ୍ଟାବାଞ୍ଜି ଡାକ୍ତରଖାନାକୁ ଆଣିଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ଏ ନେଇ କଣ୍ଟାବାଞ୍ଜି ଥାନାରେ ଏକ ମାମଲା (ନଂ.୧୮୦/୧୮) ରୁଜୁ ହୋଇଛି। ଅଭିଯୁକ୍ତ ସ୍ତ୍ରୀ ଓ ଶାଳକ ଫେରାର ହୋଇଯାଇଥିବା ସବ୍‌ଇନ୍ସପେକ୍ଟର ରୁନୁ କୁମାର ମାଝି କହିଛନ୍ତି।


OPTCL
Lifeline of Odisha

# ଓଡ଼ିଶା ପାୱାର ଟ୍ରାନ୍ସମିଶନ୍ କର୍ପୋରେସନ୍ ଲିମିଟେଡ୍

**ପଞ୍ଜିକୃତ କାର୍ଯ୍ୟାଳୟ: ଜନପଥ, ଭୁବନେଶ୍ୱର-୭୫୧ ୦୨୨**

## ବିଜ୍ଞପ୍ତି

ଡିସେମ୍ବର ୨୦୧୮ ନିମନ୍ତେ ଓପିଟିସିଏଲ୍ ୨୦୧୮-୧୯ ଅଧିନରେ ଥିବା ଇ.ଏଚ୍.ଟି. ଅଂଶ ଗୁଡ଼ିକର ବାର୍ଷିକ ରକ୍ଷଣାବେକ୍ଷଣ କାର୍ଯ୍ୟକ୍ରମ

| କ୍ର.ସଂ | ସବ୍‌ଷ୍ଟେସନ୍ ଏବଂ ଇ.ଏଚ୍.ଟି. ଲାଇନ୍‌ର ନାମ | ସର୍ଟ ଡାଉନ୍‌ର ଅବଧି | ସର୍ଟ ଡାଉନ୍‌ର ସମୟ | ଦିନ |
|---|---|---|---|---|
| (କ) | ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବୁର୍ଲା<br>ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବୁର୍ଲା/ଝାରସୁଗୁଡ଼ା | | | |
| ୧. | କୁଚିଣ୍ଡା ଗ୍ରୀଡ୍ ସବ୍‌ଷ୍ଟେସନର ୧୩୨ କେଭି ସୁଇଚ୍ ୟାର୍ଡ଼ | ୦୪.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨. | (୧୩୨/୩୩ କେଭି ଟିଏଫ୍‌ଆର୍-I ଏବଂ ୧୩୨/୧୧ କେଭି ଟିଏଫ୍‌ଆର-I) ୧୩୨/୩୩/୧୧ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ଝାରସୁଗୁଡ଼ା | ୦୫.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩. | ୧୩୨ କେଭି ବୁଢ଼ୀପଦର - କୋରବା ସର୍କିଟ୍-II | ୦୭.୧୨.୧୮ ଏବଂ ୦୮.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୪. | ୧୩୨ କେଭି ସମ୍ବଲପୁର - ଶ୍ୟାମ ଡ଼ିଆରଆଇ ଏସ୍‌ସି ଲାଇନ୍ | ୦୯.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୫. | ୧୩୨ କେଭି ଶ୍ୟାମ ଡ଼ିଆରଆଇ-ଆରୟନ୍ ଭିରାଜ-ଲାପଙ୍ଗା ଏସ୍‌ସି ଲାଇନ୍ | ୧୦.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୬. | ୧୩୨ କେଭି ଲାପଙ୍ଗା - ଏସ୍‌ଏମ୍‌ସି ସୁଇଚିଙ୍ଗ୍ ଷ୍ଟେସନ ଏସ୍‌ସି ଲାଇନ୍ | ୧୩.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୭. | ଟିଆର୍‌ଏଫ୍ ନଂ.-୧ ଏବଂ ୨ ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ରେଢ଼ାଖୋଲ | ୧୩.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୮. | ୧୩୨ କେଭି ଏସ୍‌ଏମ୍‌ସି - କୁଚିଣ୍ଡା ଏସ୍‌ସି ଲାଇନ୍ | ୧୪.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୯. | ୧୩୨/୩୩/୧୧ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ବ୍ରଜରାଜନଗର (ଟିଆରଏଫ୍ ନଂ.-୨ ଏବଂ ୪) | ୧୫.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୦. | ୧୩୨ କେଭି ବୁର୍ଲା- ରେଢ଼ାଖୋଲ ଏସ୍‌ସି ଲାଇନ୍ | ୧୮.୧୨.୧୮ ଏବଂ ୧୯.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୧୧. | ବୁଢ଼ୀପଦର ଗ୍ରୀଡ୍ ସବ୍‌ଷ୍ଟେସନର (ଅଟୋ ଟିଆର୍‌ଏଫ୍ ନଂ. ୧ ଏବଂ ୧୩୨/୩୩ କେଭି ଟିଆର୍‌ଏଫ୍ ନଂ. ୨) ୨୨୦/୧୩୨/୩୩ କେଭି | ୨୦.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୨. | ୧୩୨/୩୩ କେଭି ସମ୍ବଲପୁର ସବ୍‌ଷ୍ଟେସନ (୧୩୨/୩୩ କେଭି ଟିଆର୍‌ଏଫ୍ ନଂ.୧ ଏବଂ ଟିଆର୍‌ଏଫ୍ ନଂ ୨) | ୨୦.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୩. | ୨୨୦ କେଭି ବୁଢ଼ୀପଦର-ଏସ୍‌ପିଏସ୍ ଏସ୍‌ସି ଲାଇନ୍ | ୨୧.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୪. | ୨୨୦ କେଭି ବୁଢ଼ୀପଦର - ଏମ୍‌ଏସ୍‌ପି ଏସ୍‌ସି ଲାଇନ୍ | ୨୨.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୫. | ୨୨୦ କେଭି ମେନ୍ ବସ୍ -୨, ବୁଢ଼ୀପଦର | ୨୩.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୬. | ୨୨୦ କେଭି ବୁଢ଼ୀପଦର - ଏମ୍‌ସିଏଲ୍ ସର୍କିଟ୍ - I | ୨୩.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୭. | ୨୨୦ କେଭି ବୁଢ଼ୀପଦର - ଏମ୍‌ସିଏଲ୍ ସର୍କିଟ୍ - II | ୨୩.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୮. | ୨୨୦ କେଭି ବୁର୍ଲା ଆଲକୋ ସର୍କିଟ୍ - I | ୨୭.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୯. | ୨୨୦ କେଭି ବୁର୍ଲା ଆଲକୋ ସର୍କିଟ୍ - II | ୨୮.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨୦. | କଟାପାଲ୍ଲୀ ଗ୍ରୀଡ୍ ସବ୍‌ଷ୍ଟେସନର ଅଟୋ ଟିଆର୍‌ଏଫ୍ ନଂ.-୨ ୨୨୦/୧୩୨/୩୩ କେଭି | ୨୯.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨୧. | ୧୩୨ କେଭି କୁଚିଣ୍ଡା-ରାଜ୍‌ଗାଙ୍ଗପୁର ଏସ୍‌ସି ଲାଇନ (ବାମରା ପର୍ଯ୍ୟନ୍ତ) | ୨୯.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨୨. | ୧୩୨ କେଭି ବୁଢ଼ୀପଦର-ତରକେରା ସର୍କିଟ୍- I | ୨୯.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| | ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ରାଉରକେଲା/ରାଜ୍‌ଗାଙ୍ଗପୁର | | | |
| ୧ | ୧୩୨ କେଭି ତାରକେରା - ବୁଢ଼ୀପଦର ସର୍କିଟ୍-I (ରାଜ୍‌ଗାଙ୍ଗପୁର ଠାରୁ ବାମରା) | ୦୪.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ରାଉରକେଲା | ୦୫.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୨୨୦ କେଭି ବସ୍-୧ ତାରକେରା ଗ୍ରୀଡ୍ ସବ୍‌ଷ୍ଟେସନ ଠାରେ | ୦୬.୧୨.୧୮ ଏବଂ ୦୭.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୪ | ୧୩୨ କେଭି ରାଉରକେଲା-ତରକେରା ସର୍କିଟ୍-III | ୦୮.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୫ | ୧୩୨କେଭି ତରକେରା-ରାଉରକେଲା ସର୍କିଟ୍-II,<br>୧୩୨ କେଭି ତରକେରା-ରାଜ୍‌ଗାଙ୍ଗପୁର ସର୍କିଟ୍-II | ୧୨.୧୨.୧୮ ଏବଂ ୧୩.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୬ | ୧୩୨ କେଭି ମେନ୍ ବସ୍ ସେକ୍ସନ-୧ ତାରକେରା ଗ୍ରୀଡ୍ ସବ୍‌ଷ୍ଟେସନ ଠାରେ | ୧୪.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୭ | ୨୨୦ କେଭି ତରକେରା ଆର୍‌ଏସ୍‌ପି ସର୍କିଟ୍- II | ୧୫.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୮ | ୧୩୨ କେଭି ରାଜ୍‌ଗାଙ୍ଗପୁର-କୁଚିଣ୍ଡା (ରାଜ୍‌ଗାଙ୍ଗପୁର ଠାରୁ ବାମରା) | ୧୬.୧୨.୧୮ ଏବଂ ୧୭.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୯ | ୧୩୨ କେଭି ତରକେରା-ବୁଢ଼ିପଦର ସର୍କିଟ୍-୨ (ରାଜ୍‌ଗାଙ୍ଗପୁର ପର୍ଯ୍ୟନ୍ତ) | ୨୦.୧୨.୧୮ ଏବଂ ୨୧.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୧୦ | ୧୩୨ କେଭି ତାରକେରା- ରାଜଗାଙ୍ଗପୁର ସର୍କିଟ୍-I | ୨୨.୧୨.୧୮ ଏବଂ ୨୩.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୧୧ | ୧୩୨ କେଭି ତାରକେରା ଛେଣ୍ଡ ଡ଼ିସି ଲାଇନ୍ | ୨୭.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୨ | ୨୨୦ କେଭି ତାରକେରା-ବୁଢ଼ୀପଦର ସର୍କିଟ୍-I (ରାଜଗାଙ୍ଗପୁର ରୁ ବାମରା) | ୨୭.୧୨.୧୮ ଏବଂ ୨୮.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୧୩ | ୨୨୦ କେଭି ତାରକେରା-ବୁଢ଼ୀପଦର ସର୍କିଟ୍- II (ରାଜଗାଙ୍ଗପୁର ରୁ ବାମରା) | ୨୯.୧୨.୧୮ ଏବଂ ୩୦.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| (ଖ) | ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ୍, ବଲାଙ୍ଗିର<br>ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ବଲାଙ୍ଗିର | | | |
| ୧ | ୧୩୨ କେଭି ବଲାଙ୍ଗିର-ସୋନପୁର ଲାଇନ୍ | ୦୫.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ, ସୋନପୁର | ୦୫.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ, ପାଟନାଗଡ଼ | ୦୯.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୪ | ୧୩୨ କେଭି ବଲାଙ୍ଗିର-ପାଟନାଗଡ଼, ଏସ୍‌ସି ଲାଇନ୍ | ୦୯.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୫ | ୧୩୨ କେଭି କଟାପାଲ୍ଲୀ-ବରଗଡ଼ ଏସ୍‌ସି ଲାଇନ୍ | ୨୨.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୬ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ, ବରଗଡ଼ | ୨୨.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୭ | ୨୨୦/୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ, ସଦେଇପାଲ୍ଲୀ (ସେକ୍‌ସନ୍-୧) | ୨୮.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୮ | ୨୨୦ କେଭି କଟାପାଲ୍ଲୀ-ସଦେଇପାଲ୍ଲୀ ସର୍କିଟ୍ -୧ (ସେକ୍‌ସନ୍-୧) | ୨୯.୧୨.୨୦୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, କେସିଙ୍ଗା/ନୂଆପଡ଼ା | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ କେସିଙ୍ଗା | ୦୮.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨ କେଭି ଥେରୁଭାଲି - କେସିଙ୍ଗା ଲାଇନ୍ | ୦୮.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ଖରିଆର୍ | ୧୬.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୪ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ଜୁନାଗଡ଼ | ୨୨.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୫ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ, ଭବନିପାଟଣା | ୨୨.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୬ | ୧୩୨କେଭି କେସିଙ୍ଗା-ସଇଁତଳା ଏସ୍‌ସି ଲାଇନ୍ | ୨୩.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| (ଗ) | ଇଏଚ୍‌ଟି (ଓ ଆଣ୍ଡ ଏମ୍) ସର୍କଲ୍, ଜୟପୁର<br>ଇଏଚ୍‌ଟି (ଓ ଆଣ୍ଡ ଏମ୍) ଡିଭିଜନ, ଜୟନଗର/ମାଲକାନାଗିରି | | | |
| ୧ | ୧୩୨ କେଭି ଆରଇ ଫିଡର ଜୟନଗର ସବ୍‌ଷ୍ଟେସନ ରୁ ଜୟପୁର ଟିଏସ୍‌ଏସ୍ | ୦୫.୧୨.୨୦୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୧ |
| ୨ | ୨୨୦ କେଭି ବାଲିମେଳା-ଜୟନଗର ସର୍କିଟ୍-୩ | ୦୫.୧୨.୧୮ ରୁ ୦୭.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୩ |
| ୩ | ୨୨୦ କେଭି ଜୟନଗର - ଅପରକୋଲାବ୍ ସର୍କିଟ୍ -୨ | ୧୩.୧୨.୧୮ ଏବଂ ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୨ |
| ୪ | ୨୨୦ କେଭି ଜୟନଗର - ଜୟପୁର (ପିଜି) ସର୍କିଟ୍ -୧ | ୧୬.୧୨.୨୦୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୧ |
| ୫ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ସୁନାବେଡ଼ା | ୧୯.୧୨.୨୦୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୧ |
| ୬ | ୧୩୨ କେଭି ଏକ୍ସଟେନ୍‌ସନ ସୁଇଚ୍ ୟାର୍ଡ, ରିଜର୍ଭ ବସ୍ ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନର | ୨୦.୧୨.୧୮ରୁ ୨୧.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୨ |
| ୭ | ୨୨୦ କେଭି ବସ୍-୧ ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ ଠାରେ | ୨୨.୧୨.୨୦୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୧ |
| ୮ | ୧୦୦ ଏମ୍‌ଭିଏ ଅଟୋ-୧ (ବିଏଚ୍‌ଇଏଲ୍) ଜୟନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ର | ୨୭.୧୨.୨୦୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୧ |
| ୯ | ୨୨୦ କେଭି ଜୟନଗର - ଜୟପୁର (ପିଜି) ସର୍କିଟ୍ -୨ | ୨୯.୧୨.୧୮ ଏବଂ ୩୦.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୨ |
| | ଇଏଚ୍‌ଟି (ଓଆଣ୍ଡ୍‌ଏମ୍) ଡିଭିଜନ, ଥେରୁଭାଲି | | | |
| ୧ | ୨୨୦ କେଭି ଥେରୁଭାଲି- ଜୟନଗର ସର୍କିଟ୍ -୧ | ୦୬.୧୨.୧୮ ରୁ ୦୯.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୪ |
| ୨ | ୧୩୨ କେଭି ରାୟଗଡ଼ା-ଆଖୁସିଂଘ ଲାଇନ୍ | ୧୨.୧୨.୧୮ ଏବଂ ୧୩.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୨ |
| ୩ | ୨୨୦ କେଭି ଥେରୁଭାଲି - ଭଞ୍ଜନଗର ସର୍କିଟ୍-୧ | ୧୪.୧୨.୨୦୧୮ ରୁ ୧୭.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୪ |
| ୪ | ୧୩୨ କେଭି ଆଖୁସିଂଘ-ପାରଳାଖେମୁଣ୍ଡି ଲାଇନ୍ | ୧୯.୧୨.୧୮ ରୁ ୨୦.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୨ |
| ୫ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ ରାୟଗଡ଼ା | ୨୧.୧୨.୧୮ ରୁ ୨୨.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୨ |
| ୬ | ୨୨୦ କେଭି ଥେରୁଭାଲି - ଭଞ୍ଜନଗର ସର୍କିଟ୍-୨ | ୨୧.୧୨.୧୮ ରୁ ୨୪.୧୨.୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୪ |
| ୭ | ୧୩୨ କେଭି ଥେରୁଭାଲି - କେସିଙ୍ଗା ଲାଇନ୍ | ୩୦.୧୨.୨୦୧୮ | ୭ଘଣ୍ଟା ଠାରୁ ୧୭ ଘଣ୍ଟା | ୧ |
| (ଘ) | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଯାଜପୁର ରୋଡ଼<br>ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଯାଜପୁର ରୋଡ଼ | | | |
| ୧ | ୨୨୦/୩୩ କେଭି, ୪୦ ଏମ୍‌ଭିଏ ଟିଆର୍‌ଏଫ-୧ ଏବଂ ୩୩ କେଭି ବସ୍ ଡୁବୁରି ଗ୍ରୀଡ୍ ସବ୍‌ଷ୍ଟେସନ ଠାରେ | ୦୪.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨ କେଭି ଜବାମୟୀ-ଡୁବୁରି ସର୍କିଟ୍-୨ | ୦୫.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୧୩୨ କେଭି ସୁଇଚ୍ ୟାର୍ଡ୍ ଗ୍ରୀଡ୍ ସବ୍‌ଷ୍ଟେସନ ଡୁବୁରି | ୦୮.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୪ | ୧୩୨ କେଭି ଟିଟିପିଏସ୍ - ଜବାମୟୀ ଲାଇନ୍ | ୦୮.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୫ | ୨୨୦ କେଭି ଡୁବୁରି - ଏନ୍‌ଆଇଏନ୍‌ଏଲ୍ ଲାଇନ୍ | ୧୦.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୬ | ୧୩୨ କେଭି କାମାକ୍ଷାନଗର - ଡୁବୁରି ସର୍କିଟ୍-୧ | ୧୬.୧୨.୧୮ ଏବଂ ୧୭.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୭ | ୧୩୨ କେଭି ଡୁବୁରି-ଯାଜପୁର ରୋଡ୍ ସର୍କିଟ୍-୨ | ୨୦.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୮ | ୨୨୦/୧୩୨ କେଭି ୧୦୦ ଏମ୍‌ଭିଏ ଅଟୋ ଟିଆର୍‌ଏଫ୍ -୧ ଗ୍ରୀଡ୍ ସବ୍‌ଷ୍ଟେସନ ଡୁବୁରି ଠାରେ | ୨୨.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ, ଯୋଡ଼ା | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ, ବଡ଼ବିଲ୍ | ୦୩.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨/୩୩ କେଭି ଗ୍ରୀଡ଼ ସବ୍‌ଷ୍ଟେସନ ପୋଲାସପୋଙ୍ଗା | ୦୬.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୧୩୨ କେଭି ଯୋଡ଼ା - ପୋଳାସପୋଙ୍ଗା ଲାଇନ୍ | ୦୬.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୪ | ୧୩୨ କେଭି ପୋଳାସପୋଙ୍ଗା-କେଉଁଝର ଆରଟି ଏସ୍ ଏସ୍ ଲାଇନ୍ | ୦୬.୧୨.୨୦୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୫ | ୨୨୦ କେଭି ଟିଟିପିଏସ୍-ଯୋଡ଼ା ସର୍କିଟ୍-୨ (ଏଲଓସି ୨୩୫ଠାରୁ ଏଲଓସି ୫୦୮ ପର୍ଯ୍ୟନ୍ତ) | ୦୬.୧୨.୨୦୧୮ ରୁ ୦୭.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୬ | ୧୩୨ କେଭି ପଳାସପୋଙ୍ଗା - କରଞ୍ଜିଆ ଲାଇନ୍ ଏଲଓସି ନଂ ୧୧୦ ପର୍ଯ୍ୟନ୍ତ | ୦୭.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୭ | ୩୩ କେଭି ବସ୍ - ୧ ଏବଂ ୨ ଯୋଡ଼ା ଗ୍ରୀଡ଼ ସବ୍‌ଷ୍ଟେସନ ଠାରେ | ୧୩.୧୨.୧୮ ଏବଂ ୧୪.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୮ | ୨୨୦ କେଭି ଟିଟିପିଏସ୍-ଯୋଡ଼ା ସର୍କିଟ୍-୧ (ଏଲଓସି ନଂ ୨୩୫ରୁ ଏଲଓସି ନଂ. ୫୦୮ ପର୍ଯ୍ୟନ୍ତ) | ୧୯.୧୨.୧୮ ରୁ ୨୧.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୩ |
| ୯ | ୧୩୨ କେଭି ବସ୍ ୧ ଏବଂ ୨ ଯୋଡ଼ା ଗ୍ରୀଡ଼ ସବ୍‌ଷ୍ଟେସନ ଠାରେ | ୨୦.୧୨.୧୮ ରୁ ୨୧.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୨ |
| ୧୦ | ୧୩୨ କେଭି ଯୋଡ଼ା ନାଲଦା ଲାଇନ୍ | ୨୨.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୧ | ୧୩୨ କେଭି ବଲାଣି ଗ୍ରୀଡ଼ ସବ୍‌ଷ୍ଟେସନ ସୁଇଚ୍ ଲିଲୋ ଲାଇନ୍ | ୨୨.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୧୨ | ୧୩୨ କେଭି ନାଲଦା - ରାଉରକେଲା ଲାଇନ୍ | ୨୭.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍: ବାଲେଶ୍ୱର | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ସୋରୋ | ୦୮.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨ କେଭି ବାଲେଶ୍ୱର-ବାରିପଦା ଲାଇନ୍ | ୧୨.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୨୨୦ କେଭି ନୂଆ ଡୁବୁରି-ବାଲେଶ୍ୱର (ଏଲ୍‌ଓସି ୧ଠାରୁ ୧୯୭) | ୧୩.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୪ | ୧୬୦ ଏମ୍‌ଭିଏ ଅଟୋ-୧ ବାଲେଶ୍ୱର ଗ୍ରୀଡ଼ ସବ୍‌ଷ୍ଟେସନ ଠାରେ | ୨୦.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୫ | ୧୩୨/୩୩ କେଭି ଗ୍ରୀଡ଼ ସବ୍‌ଷ୍ଟେସନ ବସ୍ତା | ୨୦.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୬ | ୧୩୨ କେଭି ବାଲେଶ୍ୱର-ଇସ୍ପାତ ଅଲୋଏଜ୍ ଲାଇନ୍ | ୨୦.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୭ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଜଳେଶ୍ୱର | ୨୧.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍: ଭଦ୍ରକ | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭଦ୍ରକ | ୦୬.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨ କେଭି ଭଦ୍ରକ-ଫାକୋର ଲାଇନ୍ | ୦୬.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୨୨୦ କେଭି ସୁଇଚ୍‌ୱାର୍ଡ଼, ଗ୍ରୀଡ଼ ସବ୍‌ଷ୍ଟେସନ ଭଦ୍ରକ ଠାରେ | ୧୫.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୪ | ୧୩୨ କେଭି ଭଦ୍ରକ-ଡ଼ିପିସିଏଲ୍ ଲାଇନ୍ | ୨୭.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍: ବାରିପଦା | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ, ବାରିପଦା | ୧୬.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨ କେଭି ବାରିପଦା-ବାରିପଦା (ପିଜି) ଲାଇନ୍ | ୨୩.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୧୩୨/୩୩ କେଭି ରାଇରଙ୍ଗପୁର-ବାରିପଦା ପିଜି ଲାଇନ୍ | ୨୮.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୪ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରାଇରଙ୍ଗପୁର | ୨୯.୧୨.୧୮ | ୭ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| (ଙ) | ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ସର୍କଲ, କଟକ<br>ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଚୌଦ୍ୱାର/କଟକ/ପାରାଦୀପ | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ପାରାଦ୍ୱୀପ | ୦୬.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨ | ୧୩୨ କେଭି କେନ୍ଦ୍ରାପଡ଼ା-ପାରାଦ୍ୱୀପ ସର୍କିଟ୍-୧ | ୦୭.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୩ | ୧୩୨ କେଭି କେନ୍ଦ୍ରାପଡ଼ା-ପାରାଦ୍ୱୀପ ସର୍କିଟ୍-୨ | ୦୮.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୪ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, କଟକ | ୧୨.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୫ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଜଗତସିଂହପୁର | ୧୨.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୬ | ୧୩୨ କେଭି କଟକ-ଜଗତସିଂହପୁର ଲାଇନ୍ | ୧୨.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୭ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଫୁଲନଖରା | ୧୩.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୮ | ୧୩୨ କେଭି କଟକ-ମଞ୍ଚେଶ୍ୱର ଲାଇନ୍ | ୧୩.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୯ | ୧୩୨ କେଭି ଲିଲୋ ଲାଇନ୍ ଫୁଲନଖରାକୁ | ୧୩.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୦ | ୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ପାରାଦ୍ୱୀପର ୨୨୦ କେଭି ସୁଇଚ୍‌ୟାର୍ଡ୍ | ୧୪.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୧ | ୨୨୦/୧୩୨ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ପାରାଦ୍ୱୀପର ୧୩୨ କେଭି ସୁଇଚ୍‌ୟାର୍ଡ୍ | ୧୬.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୨ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ପଟ୍ଟାମୁଣ୍ଡାଇ | ୧୬.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୩ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ କେନ୍ଦ୍ରାପଡ଼ା | ୧୬.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୪ | ୧୩୨ କେଭି ଯାଜପୁର ରୋଡ୍ - କେନ୍ଦ୍ରାପଡ଼ା ସର୍କିଟ୍-୧ | ୧୯.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୫ | ୧୩୨ କେଭି ଯାଜପୁର ରୋଡ୍ - କେନ୍ଦ୍ରାପଡ଼ା ସର୍କିଟ୍-୨ | ୨୧.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୬ | ୧୩୨ କେଭି ମେରାମୁଣ୍ଡଳି-ଆରତୀ ସର୍କିଟ୍-୧ | ୨୩.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୭ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନୂଆପାଟଣା | ୨୭.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୮ | ୧୩୨ କେଭି ଢେଙ୍କାନାଳ-ନୂଆପାଟଣା ଲାଇନ୍ | ୨୭.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୯ | ୧୩୨ କେଭି ବିଡ଼ାନାସୀ-ଚନ୍ଦକା ଲାଇନ୍ | ୨୯.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨୦ | ଚଣ୍ଡିଖୋଲକୁ ୧୩୨ କେଭି ଲିଲୋଲାଇନ | ୩୦.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ଚଣ୍ଡିଖୋଲ୍ | ୩୦.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| (ଚ) | ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ସର୍କଲ, ଭୁବନେଶ୍ୱର<br>ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ଭୁବନେଶ୍ୱର | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଭୁବନେଶ୍ୱର | ୧୦.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨ | ୧୩୨ କେଭି ଚନ୍ଦକା-ରଣସିଂହପୁର ସର୍କିଟ୍ | ୦୬.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୩ | ୧୩୨ କେଭି ଚନ୍ଦକା-ଖୋର୍ଦ୍ଧା ଲାଇନ୍ | ୦୮.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୪ | ୧୩୨ କେଭି ଚନ୍ଦକା-ଭୁବନେଶ୍ୱର ସର୍କିଟ୍-୧ | ୧୦.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୫ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ରଣସିଂହପୁର | ୧୦.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୬ | ୧୩୨ କେଭି ଚନ୍ଦକା-ବଡ଼ଗଡ଼-ନିମାପଡ଼ା ଲାଇନ୍ ଏବଂ ବଡ଼ଗଡ଼ ଗ୍ରୀଡ୍ ସବ୍‌ଷ୍ଟେସନ୍ | ୧୭.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୭ | ୧୩୨ କେଭି ଚନ୍ଦକା-ବିଡ଼ାନାସୀ ଲାଇନ୍ | ୨୩.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୮ | ୧୩୨ କେଭି ଚନ୍ଦକା-ଭୁବନେଶ୍ୱର ସର୍କିଟ୍-୨ | ୨୮.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୯ | ୧୩୨ ମେନ୍ ବସ-୨, ଅଟୋ ଟିଆରଏଫ୍-୨ଏବଂ ୩ ୩୩ କେଭି ସୁଇଚ୍‌ୟାର୍ଡ଼ ଗ୍ରୀଡ୍ ସବ୍‌ଷ୍ଟେସନ, ଚନ୍ଦକା ଠାରେ | ୨୯.୧୨.୧୮ | ୮ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍: ଖୋର୍ଦ୍ଧା | | | |
| ୧ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ଖୋର୍ଦ୍ଧା | ୦୭.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨ କେଭି ଖୋର୍ଦ୍ଧା-ବାଲୁଗାଁ ଲାଇନ୍ | ୦୯.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୨୨୦ କେଭି ସୁଇଚ୍‌ୟାର୍ଡ଼ ଗ୍ରୀଡ୍ ସବ୍‌ଷ୍ଟେସନ୍, ଅଟ୍ରୀ ଠାରେ | ୦୯.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍: ମେଣ୍ଢାସାଳ | | | |
| ୧ | ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେଣ୍ଢାସାଳ (୪୦୦ କେଭି ସୁଇଚ୍‌ୟାର୍ଡ଼ | ୧୦.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେଣ୍ଢାସାଳ (୨୨୦ କେଭି ବସ୍-ବି) | ୧୭.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୩ | ୨୨୦ କେଭି ମେରାମୁଣ୍ଡଳୀ-ବିଡ଼ାନାସୀ ଲାଇନ୍ (୪୦୦ କେଭି ଏବଂ ୨୨୦ କେଭି ଅଂଶ) | ୧୯.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୪ | ୪୦୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ମେଣ୍ଢାସାଳ (୨୨୦ କେଭି ବସ୍-ଏ) | ୩୧.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍: ପୁରୀ | | | |
| ୧ | ୧୩୨ କେଭି ନିମାପଡ଼ା-ପୁରୀ ଲାଇନ୍ | ୦୫.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| ୨ | ୧୩୨/୩୩ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍, ପୁରୀ | ୩୧.୧୨.୧୮ | ୮ଘଣ୍ଟା ଠାରୁ ୧୬ ଘଣ୍ଟା | ୧ |
| (ଛ) | ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ସର୍କଲ, ବ୍ରହ୍ମପୁର<br>ଇ.ଏଚ୍.ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍, ବ୍ରହ୍ମପୁର | | | |
| ୧ | ୧୩୨କେଭି ଛତ୍ରପୁର - ଆସ୍କା ସର୍କିଟ୍-୧ | ୦୬.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨ | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନ୍‌ଠାରେ ୨୨୦ କେଭି ବସ୍ ସେକ୍ସନ ୧ | ୦୭.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୩ | ୧୩୨ କେଭି ଦିଗପହଣ୍ଡି- ମୋହନା ଲାଇନ୍ | ୦୯.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୪ | ୧୩୨/୩୩ କେଭି ଦିଗପହଣ୍ଡି ଗ୍ରୀଡ୍ ସବ୍‌ଷ୍ଟେସନ୍ | ୧୨.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୫ | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନଠାରେ ୨୨୦ କେଭି ବସ୍ ସେକ୍ସନ ୨ | ୧୨.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୬ | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନଠାରେ ୧୩୨ କେଭି ବସ୍ ସେକ୍ସନ ୧ | ୧୬.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୭ | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନଠାରେ ୧୩୨ କେଭି ବସ୍ ସେକ୍ସନ୍ ୨ ଏବଂ ଟ୍ରାକ୍ସନ ଫିଡର | ୧୭.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୮ | ନରେନ୍ଦ୍ରପୁର ଗ୍ରୀଡ୍ ସବ୍‌ଷ୍ଟେସନଠାରେ ୩୩ କେଭି ବସ୍ ସେକ୍ସନ ୧ ଏବଂ ୪୦ ଏମ୍‌ଭିଏ ଟିଆର୍‌ଏଫ୍ | ୨୧.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୯ | ୨୨୦କେଭିନରେନ୍ଦ୍ରପୁର-ମେଣ୍ଢାଶାଳ ସର୍କିଟ୍ ୨ (ଏଲ୍‌ଓସି ୨୬୧ ପର୍ଯ୍ୟନ୍ତ) | ୨୨.୧୨.୧୮ ଠାରୁ ୨୪.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୩ |
| ୧୦ | ୧୩୨ କେଭି ବ୍ରହ୍ମପୁର-ନରେନ୍ଦ୍ରପୁର ଡି.ସି. ଲାଇନ୍ | ୨୮.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୧ | ୧୩୨ କେଭି ଛତ୍ରପୁର-ଆସ୍କା ସର୍କିଟ୍-୨ | ୩୦.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| | ଇଏଚ୍‌ଟି (ଓ ଆଣ୍ଡ୍ ଏମ୍) ଡିଭିଜନ୍: ଭଞ୍ଜନଗର | | | |
| ୧ | ୧୩୨ କେଭି ଆସ୍କା-ଭଞ୍ଜନଗର ସର୍କିଟ୍ ୨ | ୧୦.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୨ | ୧୩୨ କେଭି ଭଞ୍ଜନଗର-ନୟାଗଡ଼ ସର୍କିଟ୍ ୨ | ୧୫.୧୨.୧୮ ଏବଂ ୧୬.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୨ |
| ୩ | ୨୨୦ କେଭି ଥେରୁଭାଲି-ଭଞ୍ଜନଗର ସର୍କିଟ ୧ | ୧୪.୧୨.୧୮ ଏବଂ ୧୭.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୨ |
| ୪ | ୧୩୨/୩୩ କେଭି ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍ | ୧୭.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୫ | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନଠାରେ ୨୨୦/୧୩୨ କେଭି, ୧୬୦ ଏମ୍‌ଭିଏ ଟିଆର୍‌ଏଫ୍ ନଂ-୧ | ୨୦.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୬ | ୧୩୨ କେଭି ଆସ୍କା-ଭଞ୍ଜନଗର ସର୍କିଟ ୧ | ୨୦.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୭ | ୧୩୨ କେଭି ଆସ୍କା-ବ୍ରହ୍ମପୁର ଲାଇନ୍ | ୨୧.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୮ | ୨୨୦ କେଭି ଭଞ୍ଜନଗର-ମେଣ୍ଢାଶାଳ ସର୍କିଟ୍ ୧ | ୨୨.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୯ | ୨୨୦ କେଭି ଥେରୁଭାଲି-ଭଞ୍ଜନଗର ସର୍କିଟ୍ ୨ | ୨୩.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |
| ୧୦ | ଭଞ୍ଜନଗର ଗ୍ରୀଡ୍ ସବ୍‌ଷ୍ଟେସନ୍‌ଠାରେ ୨୨୦/୧୩୨ କେଭି, ୧୦୦ ଏମ୍‌ଭିଏ ଟିଆର୍‌ଏଫ୍ ନଂ-୨ | ୨୮.୧୨.୧୮ | ୭ଘଣ୍ଟା ଠାରୁ ୧୬ଘଣ୍ଟା | ୧ |


Continued on next page

## ସଂକ୍ଷେପରେ

### ବାର୍‌ହା ମାଂସ ଜବତ, ୩ ଗିରଫ



ଆଠମଲ୍ଲିକ/ବଇଣ୍ଡା, ୨୮।୧୧ (ଡି.ଏନ.ଏ.)- ଆଠମଲ୍ଲିକ ବନଖଣ୍ଡ ମାଧପୁର ରେଞ୍ଜ ନୂଆଗାଁ ରିଜର୍ଭ ଜଙ୍ଗଲରେ ମଙ୍ଗଳବାର ବନ ବିଭାଗ ଚଢ଼ାଉ କରି ବାର୍‌ହା ମାଂସ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ କିଶୋରନଗର ଥାନା ଭରତାପୁର ଗ୍ରାମର କାର୍ତ୍ତିକ ନାୟକ, ପିଣ୍ଟୁ ପ୍ରଧାନ ଓ ରଣିଆକଟା ଗ୍ରାମର ସୁଶାନ୍ତ ପ୍ରଧାନ। ଗିରଫ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟତମ ଅଭିଯୁକ୍ତ ଭରତାପୁର ଗ୍ରାମର ଅବନୀ ପାତ୍ର ଫେରାର ହୋଇଯାଇଛନ୍ତି। କାର୍ତ୍ତିକ, ପିଣ୍ଟୁ ଓ ଅବନୀ ନୂଆଗାଁ ରିଜର୍ଭ ଜଙ୍ଗଲରୁ ଏକ ବାର୍‌ହା ଶିକାର କରି ମାଂସ ବିକ୍ରି କରୁଥିଲେ। ସୁଶାନ୍ତ ମାଂସ କିଣି ଆଣୁଥିବା ବେଳେ ଧରାପଡ଼ିଥିଲେ। ଖବରପାଇ ଫରେଷ୍ଟର ପଦ୍ମଚରଣ ସାହୁ, ଗାର୍ଡ ଅନିତା ମିଶ୍ର, ମୋନାଲିସା ପ୍ରଧାନ, ୱାଚର କ୍ଷୀରୋଦ ବିଶ୍ୱାଳ, ଅବୀନ ମାଝି ପ୍ରମୁଖ ଚଢ଼ାଉ କରିଥିଲେ ବୋଲି ମାଧପୁର ରେଞ୍ଜ ଅଫିସର ସନ୍ତୋଷ କୁମାର ଭୋଇ ସୂଚନା ଦେଇଛନ୍ତି। ଜଙ୍ଗଲ ବିଭାଗ କେସ୍ ନଂ ୮୩/୧୮ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

### ଜାନୁୟାରୀରୁ ଅନ୍‌ଲାଇନରେ ଖଜଣା

ପାଲଲହଡା,୨୮।୧୧(ଡି.ଏନ.ଏ.)- ପାଲଲହଡା ତହସିଲ କାର୍ଯ୍ୟାଳୟ ସଭାଗୃହଠାରେ ବୁଧବାର ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଶୀର୍ଷକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡା ଉପଜିଲାପାଳ ଅଜିତ କୁମାର ପ୍ରଧାନ ଯୋଗଦେଇ ଲୋକସେବା ଅଧିକାର ଅଧିନିୟମର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ତ୍ରିବିକ୍ରମ କୁମୁରା, ସହାୟକ ଜିଲାପାଳ ବୁସିୟସ ଡୁଙ୍ଗଡୁଙ୍ଗ, ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏସ୍. ନୈବେଦ୍ୟ ଲଲାଟେନ୍ଦୁ, ସହକାରୀ ଯୋଗାଣ ଅଧିକାରୀ ବେଣୁଧର ପ୍ରାଣିଗ୍ରାହୀ ଉପସ୍ଥିତ ଥିଲେ। ଜମି, ରାଶନକାର୍ଡ, ଜନ୍ମମୃତ୍ୟୁ ପ୍ରମାଣପତ୍ର, ଜାତି ପ୍ରମାଣପତ୍ର ଆଦି ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ଜାନୁଆରୀରୁ ଜନସାଧାରଣ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନ ଯାଇ ଅନ୍‌ଲାଇନରେ ଖଜଣା ଦେଇପାରିବେ ବୋଲି ଅତିରିକ୍ତ ତହସିଲଦାର ସୁମନ ମିଞ୍ଜ ସୂଚନା ଦେଇଥିଲେ। ଉପଖଣ୍ଡର ସମସ୍ତ କାର୍ଯ୍ୟାଳୟର କର୍ମଚାରୀ, ଜନପ୍ରତିନିଧି ଯୋଗ ଦେଇଥିଲେ।

### ଜଳିଗଲା ଲୁହା ପଥର ବୋଝେଇ ଟ୍ରକ୍



ଛେଣ୍ଡିପଦା,୨୮।୧୧(ଡି.ଏନ.ଏ.)- ଛେଣ୍ଡିପଦା-ଅନୁଗୋଳ ୬୩ ନଂ. ରାଜପଥର ଛେଣ୍ଡିପଦା ଥାନା ଛକ ନିକଟରେ ବୁଧବାର ଏକ ଟ୍ରକ୍ ଜଳିଯାଇଛି। କେନ୍ଦୁଝରରୁ ଅନୁଗୋଳ ସ୍ଥିତ ଏକ ଘରୋଇ କମ୍ପାନୀକୁ ଲୁହାପଥର ନେଇ ଯାଉଥିବା ଉକ୍ତ ଟ୍ରକ୍(ନଂ. ଓଡି-୦୯ ସି ୩୪୭୩)ର ଟାୟାର ଫାଟିଯିବାରୁ ନିଆଁ ଲାଗିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ। ଓଭରଲୋଡିଂ ଯୋଗୁ ଟାୟାର ଫାଟି ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ୧୧୨ ଜଣଙ୍କୁ ଭତ୍ତା ବଣ୍ଟନ

କଣିହାଁ,୨୮।୧୧(ଡି.ଏନ.ଏ.)-କଣିହାଁ ବ୍ଲକ ଡେରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ବ୍ଲକ ପ୍ରଶାସନ ତରଫରୁ ଭତ୍ତା ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ କାକୁଡ଼ିଆ ସମିତିସଭ୍ୟା ପୁଷ୍ପାଞ୍ଜଳୀ ସେଠୀ, ଡେରେଙ୍ଗ ସମିତିସଭ୍ୟା ଦମୟନ୍ତୀ ସାହୁ ଯୋଗଦେଇ କାକୁଡ଼ିଆ ଓ ଡେରଙ୍ଗ ପଞ୍ଚାୟତର ୧୧୨ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବ୍ଲକ ପ୍ରଗତୀ ସହାୟକ ଶରତ ଚନ୍ଦ୍ର ବିଶ୍ୱାଳ, ସୁନୀଲ ପ୍ରଧାନ, ନିର୍ମଳ ସାହୁ, ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ଅନୁଗୋଳ ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରେ ଉତ୍ତେଜନା

# ବନ୍ଧକ ସୁନା ଫେରାଇବାକୁ ଦାବି

ବନ୍ତଲା, ୨୮।୧୧ (ଡି.ଏନ.ଏ.)



ଗ୍ରାହକମାନେ ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି।

ଅନୁଗୋଳ ସହର ହରିମହୁରୀ ଛକ ଠାରେ ଥିବା ଇଣ୍ଡିଆନ ବ୍ୟାଙ୍କରୁ ବନ୍ଧକ ସୁନା ଫେରି ପାଇବା ପାଇଁ ବୁଧବାର ବହୁ ସଂଖ୍ୟାରେ ଗ୍ରାହକ ଦାବି କରିଥିଲେ। ଏହାକୁ ନେଇ ବ୍ୟାଙ୍କ ସମ୍ମୁଖରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଇନ୍ସପେକ୍ଟର ଏସ୍.ଏସ୍. ଟିଟେ, ଏସ୍‌ଆଇ ହେମନ୍ତ କୁମାର ମହାଳିକ ଫୋର୍ସ ସହ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାହକଙ୍କ ସହିତ ଆଲୋଚନା କରିଥିଲେ।

ଉପସ୍ଥିତ ଗ୍ରାହକମାନେ କହିଥିଲେ ଯେ, ଗତ ଜୁଲାଇ ୭ରେ ଉକ୍ତ ବ୍ୟାଙ୍କରୁ ଦୁର୍ବୃତ୍ତମାନେ ୮ଲକ୍ଷ ଟଙ୍କା ସହ ବହୁ ପରିମାଣର ସୁନା ଲୁଟି ନେଇଥିଲେ। ଘଟଣାକୁ ୪ମାସ ବିତିଯାଇଥିଲେ ବି ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କ ବନ୍ଧକ ସୁନା ଫେରାଉ ନାହାନ୍ତି। ତୁରନ୍ତ ତାହା ଫେରାଇବା ସହ ଅଳଙ୍କାର ପାଇଁ ଗଢ଼ା ମଜୁରୀ ଦେବା, ଡକାୟତି ହେବା ଦିନଠାରୁ ସୁଧ ଛାଡ଼ କରାଯିବା ଆଦି ଦାବି କରିଥିଲେ। ଏ ନେଇ ୩୦ରୁ ଊର୍ଦ୍ଧ୍ୱ ଗ୍ରାହକ ବ୍ୟାଙ୍କ ପରିଚାଳକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଗ୍ରାହକ କିଶୋର ସାହୁ, ମହେଶ୍ୱର ସାହୁ, ସୁମନ୍ତ ନାଏକ, ସୁଶାନ୍ତ କୁମାର ନାଏକ, ସୁନିତା ସାହୁ, ରଞ୍ଜୀବ ସାହୁ, ସ୍ମିତାରାଣି ବେହେରା, ନିରୁପମା ନାଥ, ସୁଷମା ବେହେରା, ଜୟନ୍ତୀ ସାହୁ, ଦ୍ରୌପଦୀ ସାହୁ ପ୍ରମୁଖ ବନ୍ଧକ ସୁନା ଫେରସ୍ତ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରେ ବ୍ୟାଙ୍କ ମ୍ୟାନେଜର ଏଚ୍.ଆର. ଶତପଥୀ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହିତ ୧ ମାସ ମଧ୍ୟରେ ସମସ୍ତ ବନ୍ଧକ ରଖାଯାଇଥିବା ସୁନା ଗ୍ରାହକମାନଙ୍କୁ ଫେରସ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ମିଳୁନି କିସ୍ତି, ସମ୍ପୂର୍ଣ୍ଣ ହୋଇପାରୁନି ଘର

ଛେଣ୍ଡିପଦା,୨୮।୧୧(ସ୍ୱ.ପ୍ର.)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲେ ବି କିସ୍ତି ଅର୍ଥ ପ୍ରଦାନ କରାଯାଉ ନ ଥିବାରୁ ଛେଣ୍ଡିପଦା ବ୍ଲକ ଟାଙ୍ଗିର ପଞ୍ଚାୟତ ସରପାଳ ଗ୍ରାମର ଶମ୍ଭାରୁ ସାହୁଙ୍କ ସ୍ତ୍ରୀ ସୁମତି ଘର ସମ୍ପୂର୍ଣ୍ଣ କରିପାରୁ ନ ଥିବା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ୨୦୧୬ ନଭେମ୍ବର ୩୦ରେ ଗୃହ ନିର୍ମାଣ ପାଇଁ ବ୍ଲକ ପକ୍ଷରୁ ତାଙ୍କୁ କାର୍ଯ୍ୟାଦେଶ (ନଂ. ୧୮୫/୧୬-୧୭) ପ୍ରଦାନ କରାଯାଇଥିଲା। ପ୍ରଥମ କିସ୍ତିରେ ୨୦ ହଜାର ଟଙ୍କା ମିଳିଥିଲା। ସେ ଧାର ଉଧାର କରି ଛାତ ପର୍ଯ୍ୟନ୍ତ କାର୍ଯ୍ୟ ଆଗେଇ ନେଇଛନ୍ତି। କିନ୍ତୁ ଜିଆର୍‌ଏସ୍ ଘରର ଫଟୋ ଉଠାଇ ନେଇଥିଲେ ବି ଏଯାଏ ତାଙ୍କୁ ବାକି କିସ୍ତି ମିଳିନାହିଁ। ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ଏ ସମ୍ପର୍କରେ ବିଡିଓ ରୋମାଞ୍ଚଳ ଖମାରୀ କହିଛନ୍ତି, ଘଟଣା ସମ୍ପର୍କରେ କେହି ଅଭିଯୋଗ କରି ନ ଥିଲେ। ସୁମତିଙ୍କ ପରିବାର ଆଗରୁ ବିଡି ଶ୍ରମିକ ଘର ପାଇଥିବା ଅଭିଯୋଗ ଥିବାରୁ ବିଲ୍ ଦିଆଯାଇ ନାହିଁ। ଯଦି ସେ ପୂର୍ବରୁ ଘର ପାଇ ନାହାଁନ୍ତି, ସେ ନେଇ ଲିଖିତ ଭାବେ ଜଣାଇଲେ ତଦନ୍ତ କରାଯାଇ ବକେୟା ପ୍ରାପ୍ୟ ଯୋଗାଇ ଦିଆଯିବ।

■ଟ୍ରକ୍ ମାଲିକ ସଂଘ ନିର୍ବାଚନ ପାଇଁ ପ୍ରଚାର ସରଗରମ

# ସଭାପତି ପଦବୀ ଅପ୍ରତିଦ୍ୱନ୍ଦ୍ୱୀ



ରାସ୍ତା ପାର୍ଶ୍ୱରେ ମରାଯାଇଛି ବ୍ୟାନର।

ବଅଁରପାଳ,୨୮।୧୧(ଡି.ଏନ.ଏ.)

ଆସନ୍ତା ଡିସେମ୍ବର ୫ରେ ନାଲ୍‌କୋ କୁଲାଡ଼ ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବ। ସିକ୍ରେଟ୍ ବାଲାଟ ପେପରରେ ଭୋଟ ନିଆଯାଉଥିବାରୁ ଭୋଟରଙ୍କ ମଧ୍ୟରେ ଉତ୍କଣ୍ଠା ଦେଖାଦେଇଛି। ବୁଧବାର ସଭାପତି ପଦବୀ ପାଇଁ ରାଜୀବ ଜେନା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଉପସଭାପତି ପଦବୀ ନିମନ୍ତେ ତପନ କୁମାର ସାମନ୍ତ ସିଂ ଓ ତପନ କୁମାର ଜେନା, ସମ୍ପାଦକ ପାଇଁ ରଞ୍ଜିତ କୁମାର ସେଠ, ବାବୁଲି ସ୍ୱାଇଁ, ପ୍ରକାଶ ଜେନା, ସହ ସମ୍ପାଦକ ପାଇଁ ବିଭୂତି ଭୂଷଣ ଜେନା ଓ ଦିବ୍ୟଜ୍ୟୋତି ସ୍ୱାଇଁ, କୋଷାଧ୍ୟକ୍ଷ ପଦବୀ ନିମନ୍ତେ ମୁକେଶ କୁମାର ଜେନା, ରାଜେଶ କୁମାର ଜେନା ଓ ପ୍ରବିର କୁମାର ଜେନା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗୁରୁବାର ଅପରାହ୍ନରେ ସ୍କ୍ରୁଟିନ୍ ସହ ପ୍ରାର୍ଥିପତ୍ର ପ୍ରତ୍ୟାହୃତ ପାଇଁ ସମୟ ଧାର୍ଯ୍ୟ ହୋଇଛି। ସଭାପତି ପଦବୀ ଅପ୍ରତିଦ୍ୱନ୍ଦ୍ୱୀ ଥିବାରୁ ଉପସଭାପତି, ସମ୍ପାଦକ, ସହସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀ ପାଇଁ ଭୋଟ ନିଆଯିବ। ଆଡଭୋକେଟ ସୁରେଶ କୁମାର ମିଶ୍ର ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଆଡଭୋକେଟ ସୀତାଂଶୁ ଶେଖର ନାଥ, ଆଡ୍‌ଭୋକେଟ ରବିପ୍ରସାଦ ପଟ୍ଟନାୟକ ଓ ଶରତ ମିଶ୍ର ପ୍ରମୁଖ ନିର୍ବାଚନ ଅଧିକାରୀ ଭାବେ ରହିଛନ୍ତି। ଇତିମଧ୍ୟରେ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ୩ଶହରୁ ଊର୍ଦ୍ଧ୍ୱ ଭୋଟର ଏହି ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ଏଥିଯୋଗୁ କୁଲାଡ଼ ଓ ଗିରଙ୍ଗ ପଞ୍ଚାୟତରେ ରାଜନୀତି ଏକ ପ୍ରକାର ସରଗରମ ହୋଇପଡିଛି। ଉଭୟ ପଞ୍ଚାୟତର ଟ୍ରକ୍ ମାଲିକମାନେ ଏହି ସଂଘର ସଦସ୍ୟ ରହିଛନ୍ତି।

# ଆର୍‌ପିୟୁ ଦଳ ଚାମ୍ପିୟନ




ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ବଅଁରପାଳ,୨୮।୧୧ (ଡି.ଏନ୍.ଏ.)

ନାଲ୍‌କୋ ଦ୍ୱାରା ଆୟୋଜିତ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିପିପି ଓ ସ୍ମେଲଟର ପ୍ଲାଣ୍ଟର ବିଭିନ୍ନ ବିଭାଗରୁ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ। ଅପରାହ୍ନରେ ନାଲ୍‌କୋ ଷ୍ଟାଡିୟମ ଠାରେ ଆର୍‌ପିୟୁ ଓ ସର୍ଭିସେସ୍ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଫଳାଫଳ ନ ବାହାରିବାରୁ ଟ୍ରାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ ଆର୍‌ପିୟୁ ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ସ୍ମେଲଟର ମହାପ୍ରବନ୍ଧକ ମନସା ମିଶ୍ର, ସିପିପି ମହାପ୍ରବନ୍ଧକ ଦେବବ୍ରତ ମହାପାତ୍ର, ଡିଜିଏମ୍ ଏସ୍.ଏସ୍. ପଣ୍ଡା, ଅମରେନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। କ୍ରୀଡ଼ା ଅଧିକାରୀ ସୁଧାକର ସାହୁ, ସ୍ପୋର୍ଟ୍ସ କମିଟିର ଅଶୋକ କୁମାର ପଟ୍ଟନାୟକ, ଅରବିନ୍ଦ ବେହେରା, ବଳରାମ ପ୍ରଧାନ, ମଳୟ ବସନ୍ତ ବାରିକ, ପ୍ରଭୁପଦ ଦାସ, କ୍ଷୀରୋଦ ଚନ୍ଦ୍ର ସାମଲ, ପି.ସି. ମୁର୍ମୁ, ପି.ସି. ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଆଠମଲ୍ଲିକ ବିଇଓଙ୍କ ଅଚାନକ ବଦଳି

ଆଠମଲ୍ଲିକ,୨୮।୧୧(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ସୁରେଶ ଚନ୍ଦ୍ର ଦାଶଙ୍କ ଅଚାନକ ବଦଳି ହୋଇଛି। ଏହାକୁ ନେଇ ଶିକ୍ଷକ ସଂଘ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ସୁରେଶ ଗତ ଜୁଲାଇରେ ଆଠମଲ୍ଲିକ ବିଇଓ ରୂପେ ଅବସ୍ଥାପିତ ହୋଇଥିଲେ। ଏହାଛଡା ସେ କିଶୋରନଗର ବ୍ଲକର ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଆଗାମୀ ନିର୍ବାଚନ ପାଇଁ ଉପଜିଲାପାଳ ତାଙ୍କୁ ମୁଖ୍ୟ ପ୍ରଶିକ୍ଷକ ତଥା ନୋଡାଲ ଅଫିସର ଭାବେ ନିଯୁକ୍ତ କରିଥିଲେ। ମାତ୍ର ଅଚାନକ ବଦଳି ଆଦେଶ ମଙ୍ଗଳବାର ପ୍ରକାଶ ପାଇଥିଲା। ତୁରନ୍ତ ତାଙ୍କ ବଦଳି ଆଦେଶ ବାତିଲ କରିବାକୁ ସଂଘ ସଭାପତି ପଦ୍ମନାଭ ରାଉତ, ସମ୍ପାଦକ ନିରାକାର ମେହେର, କୋଷାଧ୍ୟକ୍ଷ ନଇମ ଅହମ୍ମଦ ସିଦ୍ଦିକି, ଧବଳେଶ୍ୱର ବେହେରାମାଳୀ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କହିଛନ୍ତି, ଏହା ସରକାରଙ୍କ ଆଦେଶ। ଆମର ଏଥିରେ କିଛି କରିବାର ନାହିଁ।

## ଫଟୋରେ ଖବର



**ରତ୍ନମୁଦ ଉତ୍ସବ ପାଇଁ କଳସ ଯାତ୍ରା :** କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ କଦଳୀମୁଣ୍ଡା ଗ୍ରାମରେ ତ୍ରିନାଥ ମନ୍ଦିରର ରତ୍ନମୁଦ ଉତ୍ସବ ନିମନ୍ତେ କଳସ ଶୋଭାଯାତ୍ରା ମନ୍ଦିର ଅଭିମୁଖେ ଯାଉଛି।

# ମୁଁ ହିରୋ କାର୍ଯ୍ୟକ୍ରମ

ଛେଣ୍ଡିପଦା,୨୮।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ଓଗୀ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ମୁଁ ହିରୋ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀ ସଭାପତି ବାବୁଲି ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା ସଂଯୋଜକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ବ୍ଲକ ସଂଯୋଜକ ଅଜିତ କୁମାର ବିଶ୍ୱାଳ, ଅନ୍ୟତମ ସମ୍ମାନିତ ଅତିଥି ଅଜିତ ତ୍ରିପାଠୀ, ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଜୁ ଯୁବ ବାହିନୀ ସମ୍ପାଦକ ଶୁଭସ୍ମିତା ରଣା, କୋଷାଧ୍ୟକ୍ଷ ସନ୍ଧ୍ୟାରାଣୀ ନାଏକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ବିଜୁ ଯୁବବାହିନୀ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ଲିଟିଲି ଚାମ୍ପସ ପ୍ଲେ ସ୍କୁଲ ବାର୍ଷିକ ଉତ୍ସବ




କୁନି କୁନି ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବଅଁରପାଳ,୨୮।୧୧ (ଡି.ଏନ.ଏ.)

ନାଲ୍‌କୋସ୍ଥିତ ଲିଟିଲି ଚାମ୍ପସ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରିନ୍ସିପାଲ ଗାୟତ୍ରୀ ମହାପାତ୍ର ସଭାପତିତ୍ୱ କରିଥିଲେ। ନାଲ୍‌କୋ ଇଷ୍ଟେଟ ବିଭାଗ ପ୍ରବନ୍ଧକ ମଣି ପଟ୍ଟନାୟକ ମୁଖ୍ୟଅତିଥି ଓ ପୂର୍ବତନ ଅଧିକାରୀ ଚିତ୍ତରଞ୍ଜନ ଚୌଧୁରୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ବିନୋଦିନୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ନିର୍ଦ୍ଦେଶକ ସୁବ୍ରତ ମହାପାତ୍ର ସ୍କୁଲର ବିଭିନ୍ନ ସମସ୍ୟା ଓ ଏହାର ଉନ୍ନତି ଉପରେ ଆଲୋକପାତ କରିଥିଲେ। ସଭା ପରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ସନ୍ତୋଷିନୀ ପଣ୍ଡା, ରୀନା ଟେଟେ, ସ୍ୱର୍ଣ୍ଣପ୍ରଭା ପ୍ରଧାନ, ଲୁସି ରାଉତ, ରାଜେଶ୍ୱରୀ ସାହୁ, ରୀନା ସାହୁ ପ୍ରମୁଖ ସହଯୋଗ କରିଥିଲେ।

■ଏସ୍‌ପିସି ପ୍ରକ୍ରିୟା ଆରମ୍ଭ

# ୪୪ ଛାତ୍ରୀଛାତ୍ରଙ୍କୁ ଦିଆଗଲା ଡ୍ରେସ୍

ବଅଁରପାଳ,୨୮।୧୧(ଡି.ଏନ.ଏ.)

■ଅର୍ଥ କେଉଁଠୁ ଆସିବ ସ୍ପଷ୍ଟ ହୋଇନି

■ଘୁଞ୍ଚିପାରେ ଉଦ୍‌ଘାଟନୀ ପର୍ବ




ସମର ଶିକ୍ଷାର୍ଥୀ ବାହିନୀ(ଏନ୍‌ସିସି) ଢାଞ୍ଚାରେ ଗଢାହେବାକୁ ଥିବା ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ (ଏସ୍‌ପିସି) ପାଇଁ ପ୍ରକ୍ରିୟା ଅନୁଗୋଳ ଉଚ୍ଚ ବିଦ୍ୟାଳୟରେ ବୁଧବାର ଆରମ୍ଭ ହୋଇଛି। ମଧ୍ୟାହ୍ନରେ ଅନୁଗୋଳ ଅତିରିକ୍ତ ଏସ୍‌ପି ଯଦୁନାଥ ହାଁସଦା, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦ, ଏସ୍‌ପିସି କୋଅର୍ଡିନେଟର ତଥା ଶିକ୍ଷକ ଆଶୁତୋଷ ମହାପାତ୍ର ପ୍ରମୁଖ ଏହି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଉକ୍ତ ବିଦ୍ୟାଳୟର ୪୪ ଛାତ୍ରୀଛାତ୍ରଙ୍କୁ ଖାକି ସହ ଡ୍ରିଲ୍ ପାଇଁ ଧଳା ପୋଷାକ ପୋଲିସ ପକ୍ଷରୁ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ଏସ୍‌ପିସି ଉଦ୍‌ଘାଟନ କାର୍ଯ୍ୟସୂଚୀରେ ପରିବର୍ତ୍ତନ ଆସିପାରେ ବୋଲି ସୂଚନା ମିଳିଛି। ଏ ବାବଦ ଅର୍ଥ କେଉଁ ହେଡ୍‌ରୁ ପ୍ରଦାନ କରାଯିବ ତାହା ସ୍ପଷ୍ଟ ହୋଇ ନ ଥିବାରୁ ଡିସେମ୍ବର ୧ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ବିଳମ୍ବିତ ହୋଇପାରେ ବୋଲି କୁହାଯାଉଛି।

ପ୍ରକାଶ ଯେ, ସାଧାରଣ ଲୋକଙ୍କ ସହ ପୋଲିସର ସୁସମ୍ପର୍କ ରହୁନାହିଁ। ଅନେକ ସମୟରେ ପୋଲିସ ଲୋକଙ୍କ ବିରୋଧର ସମ୍ମୁଖୀନ ହେଉଛି। ତେଣୁ ସାଧାରଣ ଲୋକ ଓ ପୋଲିସ ମଧ୍ୟରେ କିପରି ସୁ ସମ୍ପର୍କ ରହିବ ସେହି ଉଦ୍ଦେଶ୍ୟରେ ଏହି ଏସ୍‌ପିସି ବ୍ୟବସ୍ଥା ଆପଣା ଯାଉଥିବା ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମେ ଦୁଇ ବର୍ଷ ପାଇଁ ଏସ୍‌ପିସି କ୍ୟାଡେଟ ଚୟନ କରାଯାଇଛି। ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯାଇଛି। ସପ୍ତାହକୁ ଗୋଟିଏରୁ ଦୁଇଟି କ୍ଲାସ ନିଆଯିବ। ଛାତ୍ରୀଛାତ୍ରଙ୍କୁ ଡ୍ରିଲ୍ ସହ ଆଇନ ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ, ବନ ବିଭାଗ, ଅବକାରୀ ନିୟମ ସହ ବ୍ୟକ୍ତିଗତ ଶୃଙ୍ଖଳା ଏବଂ ଏକତ୍ରିତ ହୋଇ ରହିବା ଆଦି ବିଷୟରେ ଶିକ୍ଷା ଦିଆଯିବ। ଆସନ୍ତା ବର୍ଷ ଠାରୁ ଜଣେ ଶିକ୍ଷୟିତ୍ରୀଙ୍କୁ ସାମିଲ କରାଯିବ ବୋଲି ପ୍ରଧାନଶିକ୍ଷୟିତ୍ରୀ ନନ୍ଦ କହିଛନ୍ତି। ୪୪ ଛାତ୍ରୀଛାତ୍ରଙ୍କୁ ଖାକି ଡ୍ରେସ୍ ସହ ଟୋପି, ଜୋତା, ଏସ୍‌ପିସି ଲେଖାଥିବା ଲୋଗୋ, ଡ୍ରିଲ ନିମନ୍ତେ ଧଳା ପୋଷାକ, ଲାନିୟର୍ଡ(କାନ୍ଧରେ ପଡୁଥିବା ଫିତା) ଓ ହୁଇସିଲ ଆଦି ପ୍ରଦାନ କରାଯାଇଛି।

## ବିଜ୍ଞାନ ମେଳା ଉଦ୍‌ଘାଟିତ

କଣିହାଁ,୨୮।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ପବିତ୍ରନଗର ବୁରୁକୁନା ପଞ୍ଚାୟତ ଶରଧାପୁରର କନକେଶ୍ୱରୀ ହାଇସ୍କୁଲରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ଅଧ୍ୟାପକ ରମାକାନ୍ତ ସାହୁ, ସରପଞ୍ଚ ଗୀତାଞ୍ଜଳି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ମେଳା ୨ ଦିନ ଧରି ଚାଲିବ। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ୭୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କଣିହାଁ,୨୮।୧୧(ଡି.ଏନ.ଏ.)

କଣିହାଁ ବ୍ଲକ ପଥରମୁଣ୍ଡା ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କଣିହାଁ ସରପଞ୍ଚ ସୁଲୋଚନା ପ୍ରଧାନ, ଏନ୍‌ଟିପିସି ଦୀପଶାଖା ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶୁଶାନ୍ତ କୁମାର ତ୍ରିପାଠୀ ଯୋଗଦେଇ ଥିଲେ। ପରିଚାଳନା କମିଟି ଉପସଭାପତି ଦାଶରଥି ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଧାକର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଣୁ ମଞ୍ଜରୀ ବେହେରା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ‘ଅଧିକାର ହାସଲ ପାଇଁ ଏକଜୁଟ୍ ହୁଅ’

**ଅନୁଗୋଳ ଅଫିସ, ୨୮।୧୧**

ବାବା ସାହେବ ଆମ୍ବେଡକର ଫାଉଣ୍ଡେଶନ ଅନୁଗୋଳ ଏବଂ ବାମ୍‌ସେଫ ଶାଖା ଆନୁକୂଲ୍ୟରେ ଅନୁଗୋଳ ଜିଲା କୃଷି ଭବନ ସମ୍ମିଳନୀ କକ୍ଷରେ ଦୁଇଦିନିଆ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ବାମସେଫ୍ ଜିଲା ସଭାପତି ବୀରେନ୍ଦ୍ର ଜଗତ, ଜେନେରାଲ ସେକ୍ରେଟାରୀ ଜଗତାନନ୍ଦ ନାୟକ, ଜିଲା ସଂଯୋଜକ ନାରାୟଣ ସେଠୀ, କୋଷାଧକ୍ଷ ପ୍ରହଲ୍ଲାଦ ନାୟକଙ୍କ ସହ ଜିଲା ଏସ୍‌ସି, ଏସ୍‌ଟି, ଓବିସି, ସଂଖ୍ୟାଲଘୁ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ବିଏସ୍‌ପି ରାଜ୍ୟ ସଭାପତି ଟଙ୍କଧର ବାଗ୍ ଯୋଗଦେଇ ଅଧିକାର ହାସଲ କରିବା ପାଇଆନ୍ଦୋଳନ ତୀବ୍ର କରିବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ଦିନରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା। ଫାଉଣ୍ଡେଶନ ଚେୟାରମ୍ୟାନ ତରଣୀସେନ ନାୟକ, ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ନାୟକ, କୋଷାଧକ୍ଷ କୁମୁଦ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଦୟାନିଧି ବାଗ, ପୂର୍ବତନ ଚେୟାରମ୍ୟାନ ଧରଣୀଧର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିଶୁ ଅନ୍ଧତ୍ୱ ଦୂରୀକରଣ କର୍ମଶାଳା

# ‘ପ୍ରାଥମିକ ଅବସ୍ଥାରୁ ପରୀକ୍ଷା ଜରୁରୀ’

**ଢେଙ୍କାନାଳ ଅଫିସ, ୨୮।୧୧**


କର୍ମଶାଳାରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

- ଚକ୍ଷୁ ପରୀକ୍ଷା କଲେ ୨୨୬ ଶିଶୁ
- ୧୩୯ଜଣଙ୍କ ସଫଳ ଅସ୍ତ୍ରୋପଚାର

ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁରସ୍ଥିତ କଳିଙ୍ଗ ଚକ୍ଷୁ ଚିକିତ୍ସାଳୟର ଦ୍ୱିତୀୟ କ୍ୟାମ୍ପସ ପରିସରରେ ବୁଧବାର ଶିଶୁ ଅନ୍ଧତ୍ୱ ଦୂରୀକରଣ ଏବଂ ଦୃଷ୍ଟୀକରଣ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାର, ସାଇଟ୍‌ସେଭର୍ସ, ରାଷ୍ଟ୍ରୀୟ ବାଲ୍‌ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ, ସର୍ବଶିକ୍ଷା ଅଭିଯାନ ଏବଂ ନିଶାଦ୍ରୀର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଓପେପାର ଡେପୁଟି ଡାଇରେକ୍ଟର ସୁରେଖା ତରାଇ, ସମ୍ମାନିତ ଅତିଥି ସିଡିଏମ୍‌ଓ ଡା. ପ୍ରତାପ ବେହେରା, ସମ୍ମାନିତ ଅତିଥି ସାଇଟସେଭର୍ସ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ସୁଦୀପ୍ତ ମହାନ୍ତି, ସଂଯୋଜକ ଆକବର ପ୍ରମୁଖ ମଞ୍ଚାସୀନ ରହି ବାଲ୍ୟାବସ୍ଥାରେ ଚକ୍ଷୁରୋଗର କାରଣ ଏବଂ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ।

ମୁମ୍ବାଇର ଖ୍ୟାତନାମା ଶିଶୁ ଚକ୍ଷୁ ବିଶେଷଜ୍ଞ ଡା. ମିହିର କୋଠାରୀ ଯୋଗଦେଇ କହିଲେ, ପ୍ରାଥମିକ ଅବସ୍ଥାରୁ ଚକ୍ଷୁ ରୋଗ ନିରୂପଣ କରାଯାଇପାରିଲେ ଏହାର ନିରାକରଣ ସମ୍ଭବ। ଆବଶ୍ୟକ ଚିକିତ୍ସା ଦ୍ୱାରା ଶିଶୁଙ୍କୁ ମାରାତ୍ମକ ଚକ୍ଷୁ ରୋଗ ସମସ୍ୟାରୁ ଦୂରେଇ ରଖାଯାଇପାରିବ। ଏଥିରେ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। କଳିଙ୍ଗ ଚକ୍ଷୁ ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡା. ଚନ୍ଦ୍ରଶେଖର ସାହୁ, ନିର୍ଦ୍ଦେଶକ ସାରଙ୍ଗଧର ସାମଲ ଆଲୋଚନାରେ ଭାଗନେଇ କହିଲେ, ଉପଯୁକ୍ତ ଚିକିତ୍ସା ଓ ଅସ୍ତ୍ରୋପଚାର ମାଧ୍ୟମରେ ଦୃଷ୍ଟିବାଧିତ ଶିଶୁଙ୍କୁ ଚକ୍ଷୁରୋଗରୁ ମୁକ୍ତି ଦିଆଯାଇପାରିବ। ଫଳରେ ପାଠପଢୁଥିବା ଶିଶୁମାନେ ସହଜରେ ସମସ୍ୟାରୁ ମୁକୁଳିପାରିବେ। ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ।

ନଭେମ୍ବର ୨୩ରୁ ଆରମ୍ଭ ହୋଇଥିବା ଏହି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ୨୯ ତାରିଖ ଯାଏ ଚାଲିବ। ଏଥିରେ କନ୍ଧମାଳ, କେନ୍ଦୁଝର, ବୌଦ୍ଧ, ସୋନପୁର, ମୟୂରଭଞ୍ଜ, ଯାଜପୁର, ଅନୁଗୋଳ, ଢେଙ୍କାନାଳ, କଟକ ଜିଲାର ୨୨୬ଜଣ ଶିଶୁ ଚକ୍ଷୁରୋଗୀ ବିନାଦେୟରେ ପରୀକ୍ଷା କରାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୩୯ଜଣଙ୍କ ସଫଳ ଅସ୍ତ୍ରୋପଚାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶିଶୁ ଶିକ୍ଷା, ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସହିତ ଜଡ଼ିତ କର୍ମକର୍ତ୍ତା, ବିଶେଷଜ୍ଞ, ଚିକିତ୍ସା ଉପକରଣ ଯୋଗାଉଥିବା ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନର କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗନେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଧୀରେନ୍ଦ୍ର ମହାନ୍ତି, ସୁନୀଲ ମିଶ୍ରଙ୍କ ସମେତ ୭୦ରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭାଜପାର ଜନପରାମର୍ଶ ପଦଯାତ୍ରା

**ଢେଙ୍କାନାଳ ଅଫିସ, ୨୮।୧୧**

ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ଗଁଦିଆ ବ୍ଲକ ଚିରୁଳେଇ ଗ୍ରାମରୁ ସୋମବାର ପୂର୍ବାହ୍ନରେ ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା ଆରମ୍ଭ ହୋଇଛି। ପଦଯାତ୍ରାବେଳେ ବିଭିନ୍ନ ଗ୍ରାମରେ ସଭା କରାଯିବାସହ ବୁଦ୍ଧିଜୀବୀମାନଙ୍କଠାରୁ ପରାମର୍ଶ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି।

ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣିଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ଚିରୁଳେଇରୁ ବାହାରି ହରଡ଼ବେରଣା, ନେଉଳପୋଇ, ଚନ୍ଦ୍ରଶେଖରପୁର, ଛାଟିଆ, ଦଧିସିଂହା, କାବେରା ଆଦି ଗ୍ରାମ ପରିକ୍ରମା କରିଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ଜିଲା ଉପସଭାପତି ରତିକାନ୍ତ ସାହୁ, ରମେଶ ଚନ୍ଦ୍ର ସାମଲ, ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ, ଲଳିତ ଦାସ, ଅଭୟ ପାଣି, ପ୍ରଦୀପ ଦାସ ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

### ଡିଆଇଇଟି ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

# ଓଟିଇଟିରୁ ବାଦ୍ ଦେବାକୁ ଦାବି


ବିକ୍ଷୋଭରତ ଛାତ୍ରୀଛାତ୍ରମାନେ।

**ଢେଙ୍କାନାଳ ଅଫିସ, ୨୮।୧୧**

ନୂତନ ଭାବେ ଲାଗୁ କରାଯାଇଥିବା ଓଟିଇଟି ନିୟମ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି)ର ଛାତ୍ରୀଛାତ୍ର। ନିଷ୍ପତ୍ତିର ପୁନର୍ବିଚାର କରିବା ଦାବିରେ ତାଲିମ ନେଉଥିବା ଶତାଧିକ ପିଲା ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ରଙ୍କୁ ଓଟିଇଟିରୁ ବାଦ୍ ଦେବାକୁ ସେମାନେ ଦାବି କରିଛନ୍ତି। ଏ ଦିଗରେ ସରକାର ଚିନ୍ତା ନ କଲେ ରାଜ୍ୟବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ପ୍ରଶିକ୍ଷାର୍ଥୀମାନେ ଚେତାବନୀ ଦେଇଛନ୍ତି। ଭାଗୀରଥି ନାଥ, ତୁଷାର ସାହୁ, ଅବିନାଶ ସୀତାକାନ୍ତ ମଲ୍ଲିକ, ଦୀପକ ବେହେରା, ପ୍ରମିତ ରାଜ, ସୂର୍ଯ୍ୟନାରାୟଣ ବାରିକ ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିବାବେଳେ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ପୂର୍ବାହ୍ନ ସାଢ଼େ୧୧ଟାରୁ ଅପରାହ୍ନ ୧ଟା ୪୫ଟା ଯାଏ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିଲା।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

# ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ ‘ହକି ଓଡ଼ିଶାରେ ବିଶ୍ୱ’। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡଓ୍ୱାର୍କ ନୁହେଁ ସ୍ମାର୍ଟଓ୍ୱାର୍କ, #ମି ଟୁ: ପୁରୁଷ–ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ:**
**ଢେଙ୍କାନାଳ/ଅନୁଗୋଳ:** ରାକେଶ ମହାନ୍ତି (୯୭୭୬୭୦୭୦୦୦/୯୪୩୭୦୩୫୩୯୧)
ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨


### ବ୍ରକୋଲି, କ୍ୟାପ୍ସିକମ୍ ଚାଷ ପ୍ରଶିକ୍ଷଣ ଶିବିର

# ସାମାନ୍ୟ ଉଦ୍ୟମରେ ମିଳିବ ଲାଭ


କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶୁଭାରମ୍ଭ କରାଯାଉଛି।

**ରାସୋଳ, ୨୮।୧୧(ଡି.ଏନ୍.ଏ.)**

ହିନ୍ଦୋଳ ଉପଖଣ୍ଡ ବାଙ୍କଟିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ପରିସରରେ ବୁଧବାର ବ୍ରକୋଲି ଏବଂ କ୍ୟାପ୍ସିକମ୍ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ଗୁଣନିଧି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ରକୋଲି ଏବଂ କ୍ୟାପ୍ସିକମ୍ ଲାଭଜନକ ବ୍ୟବସାୟ। ଜିଲାର ଜଳବାୟୁ ଏହି ଚାଷ ଲାଗି ବେଶ ଅନୁକୂଳ। ସାମାନ୍ୟ ଉଦ୍ୟମ କଲେ ଚାଷୀମାନେ ଏଥିରୁ ପ୍ରଚୁର ଲାଭ ଉଠାଇପାରିବେ ବୋଲି ଜିଲା କୃଷି ଅଧିକାରୀ କହିଥିଲେ। ଏଥିସହ ରୋଗପୋକ ନିୟନ୍ତ୍ରଣ, ଜୈବିକ ସାର ପ୍ରୟୋଗ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଶସ୍ୟ ସଂରକ୍ଷଣ ଅଧିକାରୀ ଅଜୟ କୁମାର ମାଦେଲି, ଆପିକଲ୍ ନୋଡାଲ ଅଫିସର ହରମୋହନ ପଟ୍ଟନାୟକ, ଉଦ୍ୟାନ ବିଭାଗ ଅଧିକାରୀ ଜଗତେଶ୍ୱର ବେହେରା ପ୍ରମୁଖ ବ୍ରକୋଲି ଏବଂ କ୍ୟାପ୍ସିକମ୍ ଚାଷର ସହଜ ପ୍ରଣାଳୀ ଉପରେ ବୁଝାଇଥିଲେ।

ବାଲିକିଆରୀ ଗ୍ରାମର ଅଗ୍ରଣୀ ଚାଷୀ ପୀୟୂଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୨୫ଜଣ ଚାଷୀ ଶିବିରରେ ଭାଗ ନେଇଥିଲେ। ସଂଘ ସମ୍ପାଦକ ରାଜେନ୍ଦ୍ର ପାଳ, ଗ୍ରାମ୍ୟ କୃଷି କର୍ମଚାରୀ ପ୍ରଦୀପ୍ତ ଧର, ରାଜଲକ୍ଷ୍ମୀ ବେହେରା, ଶରତ ପ୍ରଧାନ, ଶାନ୍ତନୁ ପ୍ରଧାନ, ସୁନୀଲ ମିଶ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଗଣେଶ୍ୱର କ୍ଲବ ଏବଂ ‘ଆମ୍ବା’ର ମିଳିତ ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

# ଭୂଷଣ ଷ୍ଟିଲ ହେଲା ଟାଟା ଷ୍ଟିଲ ବିଏସ୍‌ଏଲ୍ ଲିମିଟେଡ୍

**ଓଡ଼ାପଡ଼ା, ୨୮।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କଣ୍ଟାବଣିଆସ୍ଥିତ ଟାଟା କମ୍ପାନୀ ଅଧିକୃତ ଭୂଷଣ ଷ୍ଟିଲ ଲିମିଡେଟ୍ କାରଖାନାର ନାମ ପରିବର୍ତ୍ତନ କରାଯାଇ ଟାଟା ଷ୍ଟିଲ ବିଏସ୍‌ଏଲ୍ ଲିମିଟେଡ୍ ରଖାଯାଇଛି। ଭୂଷଣ ଷ୍ଟିଲ ଲିମିଟେଡ୍ ଦେବାଳିଆ ଘୋଷିତ ହେବାପରେ ଗତ ମେ ୧୮ରେ ଏହାକୁ ଟାଟା ଷ୍ଟିଲ୍ ଅଧିଗ୍ରହଣ କରିଥିଲା। ଏହାପରେ କମ୍ପାନୀର ନାମ ପରିବର୍ତ୍ତନ କରିବାକୁ ଭାରତ ସରକାରଙ୍କର କର୍ପୋରେଟ୍ ଆଫେୟାର୍ସ ବିଭାଗରେ ଆବେଦନ କରାଯାଇଥିଲା। ଉକ୍ତ ନାମ ପରିବର୍ତ୍ତନ ଆବେଦନକୁ ମଙ୍ଗଳବାର ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଥିବା କମ୍ପାନୀ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି।






# ଆତ୍ମରକ୍ଷା ଦିଗରେ ଧ୍ୟାନ ଦେବାକୁ ଆହ୍ୱାନ

**ଅନୁଗୋଳ ଅଫିସ, ୨୮।୧୧**

ଅନୁଗୋଳସ୍ଥିତ ଯଦୁନାଥ ସଂସ୍କୃତ ମହାବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ (ବାଳିକା) ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ନୋଡାଲ ଅଫିସର ଡ. ମନୋରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଜିଲା କରାଟେ ସଂଘ ସମ୍ପାଦକ ଜୟଦେବ ପଟ୍ଟନାୟକ, ପ୍ରଶିକ୍ଷିକା ସୁଶ୍ରୀ ସୋନାଲିକା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ନାରୀ ସଶକ୍ତୀକରଣ ଓ ଆତ୍ମରକ୍ଷା ପାଇଁ କିଭଳି ବାଳିକାମାନଙ୍କୁ ସଚେତନ, ପ୍ରୋତ୍ସାହିତ କରାଯାଇପାରିବ ସେ ଦିଗରେ ସମସ୍ତେ ଧ୍ୟାନ ଦେବା ଉଚିତ୍ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ଦେବାଶିଷ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପକ ଅବିନାଶ ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୫୩ ୟୁନିଟ୍ ରକ୍ତ ସଂଗ୍ରହ

**ବନ୍ତଳା, ୨୮।୧୧(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ଥାନା ଖଣ୍ଡା ପଞ୍ଚାୟତ ଗଡ଼ତରାସସ୍ଥିତ ଜନତା ହାଇସ୍କୁଲରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜୀବନ ବିନ୍ଦୁ ଜିଲା ସଂଯୋଜକ ଶକ୍ତି ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିବିରରେ ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଜ୍ଞାନଚାନ୍ଦ ଦେହୁରୀ, ଧୀରେନ କୁମାର ସାହୁ, ରସାନନ୍ଦ ସାହୁ, ଚେମାର ରାଉଳ, ଟିକୁନ ରାଉଳ, ଦୀପୁ ରାଉଳ, ଟିକୁନ ସାହୁ, କାମଦେବ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ